

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୭ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 07 MAY 2021

Vol.No. 32 ■ No. 116 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ଅପେକ୍ଷାରେ

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରାଜ୍ୟରେ କୋଭିଡ୍ ଟିକାକରଣ ନେଇ ପ୍ରଦୀପ୍ତ ମହାପାତ୍ରଙ୍କ ପ୍ରେସମିଟ୍

ପ୍ରଥମ ଡୋଜ୍ ନେଇଥିବା ଲୋକଙ୍କୁ ଦ୍ୱିତୀୟ ଡୋଜ୍ ଦେବାକୁ ପ୍ରାଥମିକତା

ଭୁବନେଶ୍ୱର,୦୬/୦୫(ନି.ପ୍ର): ରାଜ୍ୟରେ ବଢୁଥିବା ସଂକ୍ରମଣ ଭିତରେ ଆଜି ରାଜ୍ୟବାସୀଙ୍କୁ ପୁଣି ସଚେତନ କରିଛନ୍ତି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର । ତାଙ୍କ ପ୍ରେସମିଟରେ ସେ କୋଭିଡ୍ ଟିକାକରଣକୁ ନେଇ ମତ ରଖିଥିବାବେଳେ ମୁଖ୍ୟତଃ ଲୋକଙ୍କୁ କିପରି ଦ୍ୱିତୀୟ ଡୋଜ ସୁରୁଖୁରରେ ମିଳିପାରିବ ସେନେଇ ଗୁରୁତ୍ୱାରୋପ କରିଛନ୍ତି । ତା ବାଦ୍ ଟିକା ପାଇଁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛନ୍ତି, ଟିକା କମ୍ପାନି ସହ ମଧ୍ୟ ରାଜ୍ୟ ସରକାର ଲଗାତାର ସମ୍ପର୍କରେ

ଅଛନ୍ତି ବୋଲି ସେ କହିଛନ୍ତି । ଅନ୍ୟପଟେ ଭୁବନେଶ୍ୱରରେ କୋଭାକ୍ସିନ୍ ଟିକାର କୌଣସି ଅଭାବ ନାହିଁ । ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ଟିକା ଆସିଲେ ଟିକାକରଣ ସୁରୁଖୁରରେ ଚାଲିବ । ତେବେ ଟିକା ନେବା ପାଇଁ ଲୋକମାନେ ପ୍ରଥମେ ରେଜିଷ୍ଟ୍ରେସନ କରିବା ସହିତ ସ୍ଲଟ୍ ବୁକିଂ କରି ଟିକାକେନ୍ଦ୍ରକୁ ଯାଆନ୍ତୁ । ଅଯଥାରେ ଟିକାକେନ୍ଦ୍ରକୁ ଯାଇ ଗହଳି ନକରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହାବାଦ୍ ଏବେ ଯେଉଁମାନେ ପ୍ରଥମ ଡୋଜ୍ ବେସରକାରୀ ହସ୍ପିଟାଲରେ ନେଇଛନ୍ତି । ସେମାନେ ତାଙ୍କର ଦ୍ୱିତୀୟ ଡୋଜ୍ ଆସି ସରକାରୀ ହସ୍ପିଟାଲରୁ ମାଗଣାରେ ନେଇପାରିବେ । ଏଯାବତ ଆମ ରାଜ୍ୟରେ ୯୭ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ପ୍ରଥମ ଡୋଜ୍ ନେଇଥିବାବେଳେ ୮୭ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ୨ୟ ଡୋଜ୍ ନେଇସାରିଲେଣି । ୪୫ ବର୍ଷରୁ ଅଧିକ ଲୋକଙ୍କ ଟିକାକରଣ ମଧ୍ୟ ଆଗେଇ ଚାଲିଛି । ମେ ପହିଲାରୁ ଆରମ୍ଭ ହୋଇଥିବା ସାବାଳକ ଟିକାକରଣ ଆରମ୍ଭ ହୋଇଥିଲେ ମଧ୍ୟ କିଛି ଅଂଚଳରେ ଏହାର ଅଭାବ ଦେଖିବାକୁ ମିଳିଛି । ତେବେ ଟିକା ଆସିଲେ ଟିକାକରଣ ଯଥାରୀତି ଚାଲିବ ବୋଲି ପ୍ରଦୀପ୍ତ ମହାପାତ୍ର କହିଛନ୍ତି । ତେବେ ଟିକାକରଣ ବେଳେ ଯେଉଁମାନେ ପ୍ରଥମ ଡୋଜ୍ ନେଇଛନ୍ତି ଏବଂ ଦ୍ୱିତୀୟ ଡୋଜ୍ ନେବାକୁ ଅପେକ୍ଷାରତ ଅଛନ୍ତି ସେମାନଙ୍କୁ ପ୍ରାଥମିକତା ଦିଆଯିବ ବୋଲି କୁହାଯାଇଛି ।

କରୋନା ସ୍ଥିତି ନେଇ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ନୂଆଦିଲ୍ଲୀ,୦୬/୦୫: ଦେଶରେ କରୋନା ସ୍ଥିତିନେଇ ପ୍ରଧାନମନ୍ତ୍ରୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକର ଆୟୋଜନ କରିଥିଲେ । ଏହି ବୈଠକର ପ୍ରଧାନମନ୍ତ୍ରୀଙ୍କୁ ଦେଶର ପ୍ରତ୍ୟେକ ରାଜ୍ୟର କରୋନା ସ୍ଥିତି ବାବଦରେ ଅବଗତ କରାଯାଇଛି । ରାଜ୍ୟ ମାନଙ୍କର ସ୍ଥିତି ଜାଣିବା ପରେ ପ୍ରଧାନମନ୍ତ୍ରୀ ଔଷଧ ଓ ଟିକାକୁ ନେଇ କିଛି ନିର୍ଦ୍ଦେଶନାମା ଜାରି କରିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ କହିଛନ୍ତି କି ରାଜ୍ୟମାନଙ୍କରେ ଟିକାକରଣ ଗତି ଦ୍ରୁତ ହେବା ଦରକାର । ଏନେଇ ବାରମ୍ବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ ପହଂଚାଇବାକୁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି କି ଏକ ଚିତ୍ର ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ମାନଙ୍କର ସ୍ଥିତି ଅବଗତ

କରାଯାଇଥିଲା । ଏଥିରେ ୧୨ ଟି ରାଜ୍ୟର ସକ୍ରିୟ ଥିବା ଏକ ଲକ୍ଷ କୋଭିଡ ରୋଗୀଙ୍କ ବାବଦରେ ସୂଚନା ଦିଆଯାଇଥିଲା । ଏହାସହ ସବୁଠାରୁ ଅଧିକ ସଂକ୍ରମିତ ଜିଲ୍ଲା ବାବଦରେ ବି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଶଣ କରାଯାଇଛି । ଏସବୁ ଜାଣିବା ପରେ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି କି ସବୁ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ଭିତ୍ତିଭୂମି ବାବଦରେ ଏକ ମାର୍ଗଦର୍ଶିକା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯାଉ । ଆଉଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିଛନ୍ତି କି ରାଜ୍ୟ ସରକାରମାନେ ସେମାନଙ୍କ ରାଜ୍ୟର କେଉଁ ଜିଲ୍ଲାରେ ୧୦ ପ୍ରତିଶତରୁ ଅଧିକ ଆକ୍ଟିଭ୍ ▶▶ପୃଷ୍ଠା ୭

ରାଜ୍ୟର ୧୬ ଜିଲ୍ଲାକୁ କାଳବୈଶାଖୀ !

ଭୁବନେଶ୍ୱର,୦୬/୦୫(ନି.ପ୍ର): ରାଜ୍ୟରେ ଅନେକ ସ୍ଥାନରେ କାଳବୈଶାଖୀ ସହ ବଜ୍ରପାତ ହେବାର ଆଶଙ୍କା କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ବିଭାଗର ସୂଚନା ମୁତାବକ ଆସନ୍ତା ୨୪ ଘଂଟା ମଧ୍ୟରେ କାଳ ବୈଶାଖୀ ଓ ବଜ୍ରପାତ ଆଶଂକା ଥିବା ଜିଲ୍ଲାଗୁଡିକ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ▶▶ପୃଷ୍ଠା ୭

କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

କରୋନାର ତୃତୀୟ ଲହରି ବେଳେ କେଉଁଠୁ ଆଣିବ ମାନବ ସମ୍ବଳ ?

ନୂଆଦିଲ୍ଲୀ,୦୬/୦୫: ଦିଲ୍ଲୀରେ ଲାଗିରହିଥିବା ଅକ୍ସିଜେନର ଅଭାବକୁ ନେଇ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ସୁପ୍ରିମକୋର୍ଟ ଶୁଣାଣି ବେଳେ କହିଛନ୍ତି କି କୌଣସି ପରିସ୍ଥିତିରେ ବି ଦିଲ୍ଲୀକୁ କେନ୍ଦ୍ର ସରକାର ଦୈନିକ ୭୦୦ ମେଟ୍ରିକ ଟନ୍ ଅକ୍ସିଜେନ ଯୋଗାଇବାକୁ ପଡିବ । ଅନ୍ୟ ପଟେ କେନ୍ଦ୍ର ସରକାର ତାଙ୍କ ଦଲିଲରେ କହିଥିଲେ କି ଦିଲ୍ଲୀକୁ ଦୈନିକ ୭୦୦ ମେଟ୍ରିକ୍ ଟନ୍ ଅକ୍ସିଜେନର ଆବଶ୍ୟକତା ନାହିଁ । ଏହି ଶୁଣାଣି

ବେଳେ ଜଷ୍ଟିସ୍ ଡିବାଇ ଚନ୍ଦ୍ରଚୁଡ ସଲିସିଟର ଜେନରଲ ତୁଶାର ମେହେଟାଙ୍କୁ ପଚାରିଥିଲେ କି 'ଆପଣ ଫର୍ମଲା ବାନାଇଛନ୍ତି କି, ସବୁ କରୋନା ସଂକ୍ରମିତଙ୍କୁ ଅକ୍ସିଜେନ, ଆଇସିୟୁ, ଭେଣ୍ଟିଲେଟରର ଆବଶ୍ୟକତା ନାହିଁ, ଲୋକମାନେ ଘରେ ଆଇସୋଲେସନରେ ରହି ଭଲ ହେବାକୁ ଆପଣ ପରାମର୍ଶ ଦେଉଛନ୍ତି, ତାହା ତ ଠିକ୍ ହେଲେ କୋର୍ଟ ଅକ୍ସିଜେନ ଯୋଗାଣ ଉପରେ କାହିଁକି ନଜର ରଖିବ ନାହିଁ' ? ଜଷ୍ଟିସ୍ ଡିବାଇ ଚନ୍ଦ୍ରଚୁଡ ଆହୁରି କହିଛନ୍ତି କି ଘରେ ରହି ଚିକିତ୍ସିତ ହେଉଥିବା ଲୋକଙ୍କ ପାଇଁ ଅକ୍ସିଜେନର ଆବଶ୍ୟକତା ରହିଛି । କେନ୍ଦ୍ର ସରକାର ଅକ୍ସିଜେନକୁ ନେଇ ଯେଉଁ ଫର୍ମଲା ▶▶ପୃଷ୍ଠା ୭

କୋଭିଡ ପରିଚାଳନା ପାଇଁ ୩ ଜିଲ୍ଲାକୁ ୭.୬୨ କୋଟି ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୬/୦୫(ନି.ପ୍ର): କୋଭିଡ ପରିଚାଳନା ପାଇଁ ରାଜ୍ୟର ୩ ଜିଲ୍ଲାକୁ ୭.୬୨ କୋଟି ଟଙ୍କା ଦେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସମ୍ବଲପୁର ଜିଲ୍ଲା ପାଇଁ ୪.୬୨ କୋଟି ଟଙ୍କା ଦିଆଯାଇଛି । ସେହିପରି ପୁରୀକୁ ୨କୋଟି ଓ ସୁବର୍ଣ୍ଣପୁରକୁ ୧ କୋଟି ଟଙ୍କା ଦିଆଯାଇଛି । ଏ ସମସ୍ତ ଟଙ୍କା ସିଏମଆରଏଫ ପାଣ୍ଠିରୁ ଦିଆଯାଇଛି । ପୂର୍ବ ର୍ରୁ ପୁରୀ ଜିଲ୍ଲା ପାଇଁ ୧୪,୫୯,୭୪,୪୦୮ ଟଙ୍କା ଘୋଷଣା ହୋଇଥିବା ବେଳେ ଏବେ ଆହୁରି ୨ କୋଟି ଦିଆଯାଇଛି । ଏହାକୁ ମିଶାଇ ପୁରୀକୁ ମୋଟ ୧୬,୫୯,୭୪,୪୦୮ ଟଙ୍କା ଦିଆଯିବ । ସେହିପରି ପୂର୍ବରୁ

ସୁବର୍ଣ୍ଣପୁରକୁ ୨ କୋଟି ୫୦ ଲକ୍ଷ ଦିଆଯାଇଥିବା ବେଳେ ଏବେ ଆଉ ୧ କୋଟି ଘୋଷଣା ହୋଇଛି । ସମ୍ବଲପୁର ପାଇଁ ପୂର୍ବରୁ ୧୧ କୋଟି ୫୦ ଲକ୍ଷ ଘୋଷଣା ହୋଇଥିଲା ।

ସାହିତ୍ୟିକ ପ୍ରଫୁଲ୍ଲ ନାୟକଙ୍କ ପରଲୋକ

ଭୁବନେଶ୍ୱର,୦୬/୦୫ (ନି.ପ୍ର): ଜଣାଶୁଣା ସାହିତ୍ୟିକ ପ୍ରଫୁଲ୍ଲ ନାୟକଙ୍କର ଆଜି ସକାଳେ ପରଲୋକ ଘଟିଛି । ସେ କିଛିଦିନ ତଳେ କୋଭିଡ୍ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍ ରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ସାହିତ୍ୟିକ ପ୍ରଫୁଲ୍ଲ ନାୟକ ୧୯୩୪ ମସିହା ଜାନୁଆରୀ ୨୦ ତାରିଖରେ ପୁରୀ ଜିଲ୍ଲା ଡେଲାଙ୍ଗ ଅନ୍ତର୍ଗତ ବେରବୋଇ ଗ୍ରାମରେ ଏକ ଅଭିଜାତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଉଚ୍ଚଶିକ୍ଷା ପ୍ରାପ୍ତି ପରେ ସେ ଭାରତ ସରକାରଙ୍କ ସ୍ୱଳ୍ପ ସଂଚୟ ସଂଗଠନ ବିଭାଗରେ ଜଣେ ପଦାଧିକାରୀ ଭାବେ ଯୋଗଦେଇ ସେହି ବିଭାଗର ଆଂଚଳିକ ନିର୍ଦ୍ଦେଶକ ହିସାବରେ ଅବସର ଗ୍ରହଣ କରିଥିଲେ । ୧୯୬୧ ମସିହାରୁ ସାହିତ୍ୟିକ ଜୀବନ ଆରମ୍ଭ କରିଥିବା ପ୍ରଫୁଲ୍ଲ ନାୟକଙ୍କ ପ୍ରଥମ ଉପନ୍ୟାସ ଥିଲା 'ମଧୁଚନ୍ଦ୍ରିକା' । ପ୍ରାୟ ୫୫ ବର୍ଷ ଧରି ସାହିତ୍ୟ ସାଧନାରେ ମଗ୍ନ ରହିଥିବା ପ୍ରଫୁଲ୍ଲ ନାୟକ ୭୦ ଓ ୮୦ ଦଶକରେ ହାତଗଣତି ଔପନ୍ୟାସିକମାନଙ୍କ ମଧ୍ୟରେ ବେଶ ଚର୍ଚ୍ଚିତ ଥିଲେ । ତତ୍କାଳନୀ 'ଜନସାହିତ୍ୟ' ଉପନ୍ୟାସ ପତ୍ରିକାର ସେ ଥିଲେ ନିୟମିତ ଲେଖକ । ସେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱର୍ ଉପନ୍ୟାସ ଓ ୨୦୦ରୁ ▶▶ପୃଷ୍ଠା ୭

ମୋଦୀ ବୁଝିଲେ ପ୍ରଦୀପ୍ତ ଓ ରଘୁଙ୍କ ସ୍ୱାସ୍ଥ୍ୟାବସ୍ଥା

ଫୋନ ଯୋଗେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା କଥା ବୁଝିଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୦୬/୦୫(ନି.ପ୍ର): ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ପ୍ରଧାନମନ୍ତ୍ରୀ ମୋଦୀ । ପ୍ରଦୀପ୍ତଙ୍କ ପତ୍ନୀ କମଳା ନାୟକଙ୍କ ସହ ଫୋନରେ କଥା ହୋଇ ପ୍ରଧାନମନ୍ତ୍ରୀ ପ୍ରଦୀପ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଛନ୍ତି । ସେହିପରି ସାଂସଦ ରଘୁନାଥ ମହାପାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ମଧ୍ୟ ବୁଝିଛନ୍ତି ମୋଦୀ । ରଘୁନାଥଙ୍କ ବଡପୁଅଙ୍କ ସହ ମୋଦୀ କଥା ହୋଇଛନ୍ତି । କୋଭିଡ ଆକ୍ରାନ୍ତ ହୋଇ ଭରବଙ୍କନଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି ପ୍ରଦୀପ୍ତ ଓ ରଘୁନାଥ ମହାପାତ୍ର । ଦୁଇ ପରିବାରର ସଦସ୍ୟ ମଧ୍ୟ ଭରବଙ୍କନଶ୍ୱର ଏମ୍ସରେ ଚିକିତ୍ସିତ

ହେଉଛନ୍ତି । ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଲେ ପ୍ରଧାନମନ୍ତ୍ରୀ । ଗତ କାଲି ଏ ସଂକ୍ରାନ୍ତରେ ସମୀକ୍ଷା କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ଓ ଭୁବନେଶ୍ୱର ଏମ୍ସ ଡକ୍ତରୀ ଟିମ ସହ ମଧ୍ୟ ମୋଦୀ କଥା ହୋଇଛନ୍ତି । ଏହାସହ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଥିଲେ ।

କରୋନରେ ପ୍ରାଣ ହରାଇଲେ ଆରଏଲଡି ଅଧକ୍ଷ ଅଜିତ୍ ସିଂ

ଭୁବନେଶ୍ୱର,୦୬/୦୫(ନି.ପ୍ର): ରାଷ୍ଟ୍ରୀୟ ଲୋକଦଳର ଅଧକ୍ଷ ତଥା ପଶ୍ଚିମ ଉତ୍ତର ପ୍ରଦେଶର ଲୋକପ୍ରିୟ ଜାଠ୍ ନେତା ଅଜିତ୍ ସିଂଙ୍କର କରୋନା ସଂକ୍ରମଣରେ ମୃତ୍ୟୁ ହୋଇଛି । ଅଜିତ୍ ସିଂ ଓ ତାଙ୍କ ନାତୁଣୀ ଏପ୍ରିଲ ୨୨ ତାରିଖ ଦିନ କରୋନାରେ ସଂକ୍ରମିତ ହୋଇଥିଲେ । ଏହାପରେ ସେମାନଙ୍କୁ ଚିକିତ୍ସା ପାଇଁ ଗୁରୁଗ୍ରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହାପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା । ଆଜି ତାଙ୍କର ପରଲୋକ ହୋଇଯାଇଛି । ରାଷ୍ଟ୍ରୀୟ ଲୋକଦଳର ଅଧକ୍ଷ ଅଜିତ ସିଂଙ୍କ ଜନ୍ମ ୧୯୩୯ ମସିହା ଫେବୃଆରୀ ୧୨

ତାରିଖରେ ହୋଇଥିଲା । ସେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଦେଶର ବଡ କୃଷକ ନେତା ଚୌଧୁରୀ ଚରଣ ସିଂଙ୍କ ପୁଅ । ତାଙ୍କର ମୃତ୍ୟୁପରେ ସମାଜବାଦୀ ପାର୍ଟି, ବିଜେପି ସମେତ ଦେଶର ଅନେକ ରାଜନୈତିକ ଦଳର ନେତାମାନେ ଶୋକ ପ୍ରକାଶ କରିଛନ୍ତି । ସ୍ୱଗତଃ ଅଜିତ୍ ସିଂ ତାଙ୍କ ରାଜନୈତିକ କ୍ୟାରିଅରରେ ୪ ଥର କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି । ସେ ୟୁପିଏ ଓ ଏନଡିଏ ସରକାରରେ ମନ୍ତ୍ରୀଥିଲେ । ସେ ଗୋଟିଏ ଥର ରାଜ୍ୟସଭା ସାଂସଦ ଓ ୭ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ ।

ଏକାଦଶାହ ଭୋଜିରେ ମହିଳା ତହସିଲଦାରଙ୍କୁ ଆକ୍ରମଣ

ନିଜ ଅଫିସ ଆଗରେ ତହସିଲଦାରଙ୍କ ଧାରଣା : ଥାନାଧିକାରୀଙ୍କୁ ସୁରକ୍ଷା ପାଇଁ ଏସପିଙ୍କ ସନ୍ଦେହପୂର୍ଣ୍ଣ ସଫେଇ

ବାଲେଶ୍ୱର,୦୬/୦୫ (ନି.ପ୍ର): ଏକାଦଶାହ ଭୋଜିରେ କୋଭିଡ କଟକଣା ଉଲ୍ଲଂଘନ ଯୋଗୁଁ ଚଢ଼ଉ ବେଳେ ସଦର ତହସିଲଦାରଙ୍କୁ ଆକ୍ରମଣ ଓ ଅଟକ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ଅଭିଯୁକ୍ତଙ୍କ ପ୍ରତି ଅସାଧୁ ପୁଲିସ ଅଧିକାରୀଙ୍କ ସମ୍ବେଦନଶୀଳ କାର୍ଯ୍ୟଧାରାକୁ ନେଇ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଉଠିଛି । ସଦର ଥାନା ପୁଲିସର ଏଭଳି କାର୍ଯ୍ୟ ବିରୋଧରେ ସଦର ତହସିଲଦାର ଅନାମିକା ସିଂ ନିଜ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ । ଡିଏସପି ଅମୂଲ୍ୟ କୁମାର ଧର ଧାରଣା ସ୍ଥଳରେ ପହଞ୍ଚି ତାଙ୍କୁ ବୁଝାସୁଝା

କରିଥିଲେ । ସଦର ଥାନା ଅଧିକାରୀ ଛାଡ଼ି ଦେଇଥିବା ଅଟକ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରିବା ନେଇ ସେ ପ୍ରତିଶ୍ରୁତି ଦେବା ପରେ ତହସିଲଦାର ଶ୍ରୀମତୀ ସିଂ ଧାରଣାରୁ ନିବୃତ ହୋଇଥିଲେ । ତେବେ ଜଣେ କାର୍ଯ୍ୟରତ ମହିଳା ସରକାରୀ ଅଧିକାରୀଙ୍କୁ ଆକ୍ରମଣ ଓ ଅଟକ ରଖିଥିବା ଅଭିଯୁକ୍ତଙ୍କ ପ୍ରତି ସଦର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା ଅତ୍ୟଧିକ ସମ୍ବେଦନଶୀଳ ରହିବା ପଛର କାରଣକୁ ନେଇ ଏବେ ସବୁଠି ଚର୍ଚ୍ଚା ଜୋରଦାର ହୋଇଛି । ଶ୍ରୀ ପଣ୍ଡାଙ୍କର ଏହିଭଳି ଅସାଧୁ କାର୍ଯ୍ୟଧାରା ଯୋଗୁଁ ସଦର ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଚାଲିଥିବା ବେଳେ ଜିଲାର ପଦସ୍ଥ ପୁଲିସ ଚୁପ ରହିବା କେତେଦୂର ସମୀଚୀନ, ତାହାକୁ ନେଇ ବିଭିନ୍ନ ମହଲରୁ ଆରୋପ ଉଠିଛି । ଅନ୍ୟପକ୍ଷରେ ଅପରାଧୀଙ୍କ ସହ ମିଲିଭଗତରେ ଶ୍ରୀ ପଣ୍ଡା ଓ ତାଙ୍କର ସହଯୋଗୀମାନେ ନିଜର ପାଣ୍ଠି ବଢ଼ାଇ ଚାଲିଛନ୍ତି ବୋଲି କେତେକ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି । ଏହିଭଳି ଅସାଧୁ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି । ତେବେ ପ୍ରାପ୍ତ ସୂଚନା ଅନୁସାରେ କୋଭିଡରେ ମୃତ୍ୟୁ ବରଣ କରିଥିବା ସଦର ଥାନା ଅନ୍ତର୍ଗତ ଓଡ଼ଙ୍ଗୀ ପଞ୍ଚାୟତର ଇଛାପୁର ଗାଁ'ର ରମେଶ ରାଉତଙ୍କ ପତ୍ନୀ ହାରାମଣି ରାଉତଙ୍କର ଗତକାଲି ଥିଲା ଏକାଦଶାହ । କୋଭିଡ ନିୟମ ଅନୁସାରେ ଶୁଦ୍ଧିକ୍ରିୟାରେ ୨୦ଜଣରୁ ଅଧିକ ଲୋକେ ଏକତ୍ରିତ ହୋଇପାରିବେ ନାହିଁ । ମାତ୍ର ଏହି ଏକାଦଶାହ କର୍ମରେ ୫ଶହରୁ ଅଧିକ ରୁଣ୍ଡ ହୋଇଥିବା ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପାଇ ସଦର ତହସିଲଦାର ଅନାମିକା ସିଂ ଏନଫୋର୍ସମେଣ୍ଟ ▶▶ପୃଷ୍ଠା ୭

ଗୋଟିଏ ଦିନରେ ୧୦୫୨୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୬/୦୫(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୫୨୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୦୦୧୬୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୧୬୪୦୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୮୧୫୮୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୫୨୧ ଜଣଙ୍କ ମଧ୍ୟରୁ ୫୯୪୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୫୭୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛ

କରୋନା ମହାମାରୀ: ଆୟୁର୍ବେଦ ଚିକିତ୍ସା ପ୍ରତି ବଢୁଛି ଆସ୍ଥା

ରାଉରକେଲା,୬/୫ (ନି.ପ୍ର): ଯାବତୀୟ କଟକଣା ସତ୍ତ୍ୱେ ସୁନ୍ଦରଗଡ଼ ଜିଲ୍ଲାରେ ମହାମାରୀ କରୋନା ସଂକ୍ରମଣ ଥମିବାର ନାଁ ନେଉନି । ପ୍ରତ୍ୟକ ଦିନ ହଜାରେ ସଂଖ୍ୟାରେ ରୋଗୀ ଚିହ୍ନଟ ହେଉଥିବା ବେଳେ ଚିକିତ୍ସା ପାଇଁ ଧାଁ ଦଉଡ ସ୍ଥିତି ଦେଖିବାକୁ ମିଳିଛି । ସଂଖ୍ୟାବହୁଳ ରୋଗୀ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ଅନେକ ଡାକ୍ତରଖାନା ଆସିବାକୁ ନିରାପଦ ମଣୁ ନାହାଁନ୍ତି । କାରଣ ଘରେ ଚିକିତ୍ସିତ ରୋଗୀଙ୍କ ଅପେକ୍ଷା ଡାକ୍ତରଖାନାରେ ମୃତ୍ୟୁହାର ଅଧିକ ବୋଲି ସାଧାରଣରେ ବିଶ୍ୱାସ କରାଯାଉଛି । ଘରୋଇ ଡାକ୍ତର କିମ୍ବା ଡାକ୍ତରଖାନାକୁ ଗଲେ ସେମିତି କିଛି ଫଳପ୍ରଦ ଚିକିତ୍ସା କିମ୍ବା ପରାମର୍ଶ ମିଳୁନଥିବା ଅଭିଯୋଗ ହେଉଛି । ଏମିତି ଅବସ୍ଥାରେ ସାଧାରଣ ଥଣ୍ଡା ଜ୍ୱର, କାଶରେ ପୀଡ଼ିତ ରୋଗୀ ମେଡିକାଲ ଷ୍ଟୋର ମୁହାଁ ହେଉଥିବା ବେଳେ ଆୟୁର୍ବେଦ ଉପଚାରକୁ ଆପଣାଇ ନେଉଛନ୍ତି । ଏଥିରୁ ସୁଫଳ ମିଳୁଥିବା ନେଇ କେତେକ ମଧ୍ୟ ଦାବି କରିଛନ୍ତି । ସୋସିଆଲ ମିଡିଆରେ ଅନେକ ଆଂଚଳିକ ଓ ଜାତୀୟ ସ୍ତରର ଆୟୁର୍ବେଦ ବିଶେଷଜ୍ଞ ଦୈନିକ କରୋନା ସମ୍ବନ୍ଧିୟ ଉପଚାର ନେଇ ପରାମର୍ଶ ପ୍ରଦାନ କରୁଛନ୍ତି । ସ୍ଥଳ ବିଶେଷରେ ଏହା ବିଭ୍ରାନ୍ତିକର ମନେ ହେଉଥିବା ବେଳେ ତଥାପି ଏହାର ପ୍ରୟୋଗ ନେଇ ପୀଡିତଙ୍କ ମଧ୍ୟରେ ଉତ୍ସୁକତା ଦେଖାଯାଉଛି । କେତେବେଳେ ନାକରେ କାଗେଜୁ ଲେମ୍ବୁ ଚିପୁଡିଲେ କରୋନା ପ୍ରଶମିତ ହେବ ବୋଲି ପ୍ରଚାର ଚାଲିଛି ତ ଆଉ କେତେବେଳେ ସୋରିଷ ତେଲ, ପୁଣି କେତେବେଳେ ବିଭିନ୍ନ ବନଷ୍ପତିରୁ ପ୍ରସ୍ତୁତ କାଢା କିମ୍ବା ଖାଦ୍ୟ ଉପଯୋଗୀ କର୍ପୂର ବ୍ୟବହାର କରିବାକୁ ତୁଣ୍ଡ ବାଇଦ ଦିନକୁ ଦିନ ବଢିବାରେ ଲାଗିଛି । ଏହା ବାଦ୍ ଚା, କଫି, ହଳଦି, ଅଦା, ଅଳେଇଚ, ଲବଙ୍ଗ ଏବଂ ତୁଳସି ରସର ଚାହିଦା ମଧ୍ୟ ଖୁବ ବଢିଥିବା ଆକଳନରୁ ସୂଚନା ମିଳିଛି । ରୋଗ ପ୍ରତିଷେଧ ଶକ୍ତି ବୃଦ୍ଧି ନେଇ ଚିରାଚରିତ ଭାବେ ବ୍ୟବହୃତ ଭିଟାମିନ ଟାବଲେଟ ସହ ବିଭିନ୍ନ ଆୟୁର୍ବେଦ କମ୍ପାନୀ ପ୍ରସ୍ତୁତ ଇମ୍ୟୁନିଟି ଟାବଲେଟ ଓ ଚ୍ୟବନପ୍ରାସକୁ ଲୋକେ ଆପଣାଇବାରେ ଲାଗିଛନ୍ତି । ବଜାରରେ ମିଳୁଥିବା ତଟକା ପନିପରିବା, ଫଳମୂଳ ନେଇ ଆଗ୍ରହ ମଧ୍ୟ ବଢିଛି । ଏହା ବ୍ୟତୀତ କରୋନାରୁ ବର୍ତିବାକୁ ପାରମ୍ପରିକ ଆୟୁର୍ବେଦ ଉପଚାର ସାଙ୍ଗକୁ ଯୋଗ ପ୍ରାଣାୟମ କ୍ରମଶଃ ଲୋକପ୍ରିୟ ହେବାରେ ଲାଗିଛି । ବିନା ସିଲିଣ୍ଡରରେ କେଉଁ ଉପାୟ ଆପଣାଇଲେ ରୋଗୀଙ୍କ ଅକ୍ସିଜେନ ଲେବେଲ ମେଂଟେନ କରାଯାଇ ପାରିବ ସେନେଇ ବିକଳ୍ପ ଘରୋଇ ଉପଚାର ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି । ଏନେଇ ସୋସିଆଲ ମିଡିଆରେ ନାନା ପରାମର୍ଶ ପ୍ରଦାନ କରାଯାଉଛି । ଯାହାର ସଠିକତା ନେଇ କାହା ପାଖରେ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । ତଥାପି ବୁଡିଗଲା ବେଳେ କୁଟାଖିଅଟିକୁ ଆଶ୍ରା କଲା ଭଳି ସଂକ୍ରମିତ ଲୋକେ ଉପରୋକ୍ତ ଉପାୟ ସବୁ ଅବଲମ୍ବନ କରୁଥିବା ଶୁଣା ଯାଉଛି । ଷ୍ଟିଲ୍ ସିଟି ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତ୍ୟକ ଦିନ ଯେତିକି ସଂକ୍ରମିତ ଡାକ୍ତରଖାନା ଆସୁଛନ୍ତି ତତୋଧିକ ଘରେ ରହି ଚିକିତ୍ସିତ ହେଉଥିବା ସୂଚନା ମିଳିଛି । ସଂକଟ ସମୟରେ ଆୟୁର୍ବେଦ ବା ଘରୋଇ ଉପଚାର ପ୍ରତି ବଢିଥିବା ଆସ୍ଥା ସଂକ୍ରମିତଙ୍କୁ କେତେ ସୁରକ୍ଷା ଦେବ ତାହା ଭିନ୍ନ କଥା । ମାତ୍ର ସଂଖ୍ୟାବହୁଳ ରୋଗୀଙ୍କୁ ଏହା ଡାକ୍ତରଖାନା ମୁହାଁ ହେବାରୁ ନିବୃତ ରଖିଛି ବୋଲି ଅନେକ ସ୍ୱୀକାର କରୁଛନ୍ତି । ସଂଖ୍ୟାବହୁଳ ରୋଗୀଙ୍କ ନିଦାନ କ୍ଷେତ୍ରରେ ଏହାକୁ ଏକ ବିକଳ୍ପ ଭାବେ ବିବେଚନା କରାଯାଉଛି । ତେବେ ଏଭଳି ଘରୋଇ ଚିକିତ୍ସା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯିବା ଉଚିତ ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

ଦୁର୍ଦ୍ଦାନ୍ତ ଅପରାଧୀ ପପୁ ବରାଳ ଗିରଫ: ମଦ ଦୋକାନୀଙ୍କୁ ମାଗୁଥିଲା ଦାଦାବଟି

ପୁରୀ,୬/୫ (ନି.ପ୍ର): ପୁରୀ ସହରର କୁଖ୍ୟାତ ଅପରାଧୀ ପପୁ ଓରଫ ଧିରେନ୍ଦ୍ରନାଥ ବରାଳ (୪୪)କୁ ଟାଉନଥାନା ପୁଲିସ ଗତକାଲି ଗିରଫ କରିବା ପରେ ଆଜି ତାକୁ କୋର୍ଟ ଚାଲାଣ କରିଛି । ଏ ସମ୍ପର୍କରେ ଏସପି କେ.ଭିଶାଲ ସିଂହ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଦାଦାବଟି ଶୂନ୍ୟ ପୁର ସହର କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଦାଦାବଟି ମାଗିବା କ୍ଷଣି ସଂପୃକ୍ତ ଥାନାକୁ ଜଣାଇବା ପାଇଁ ଏସପି ଜନତାଙ୍କୁ କହିଛନ୍ତି । ଚଳିତବର୍ଷ ରାଜ୍ୟରେ ମଦ ଦୋକାନ ଲିଜ୍ ନେବା ପାଇଁ ଲଟେରୀ ସିଷ୍ଟମ୍ କରାଯାଇଛି । ପୁରୀଜିଲ୍ଲାରେ ମଧ୍ୟ ଏହା କାର୍ଯ୍ୟାକାରୀ ହେବ । ଏହା ଜାଣିପାରି ପପୁ ଓ ତାର ସହଯୋଗୀଙ୍କୁ ସହ ମଦ ଦୋକାନୀଙ୍କୁ ବଟି ମାଗିବା ସହ ଧମକ ଦେଇଥିଲା । ଏ ସମ୍ପର୍କରେ ଟାଉନ ଥାନା ପୁଲିସ ଜାଣିବା ପରେ ତା ଉପରେ ତୀକ୍ଷ୍ଣ ନଜର ରଖିଥିଲା । ଏ ସଂକ୍ରାନ୍ତରେ ଟାଉନଥାନାରେ ୧୨୫/୨୧ରେ ମାମଲା ରୁଜୁ ହୋଇଛି । ଖୁବଶୀଘ୍ର କୋର୍ଟଙ୍କ ଅନୁମତି କ୍ରମେ ପପୁ ବରାଳଙ୍କୁ ରିମାଣ୍ଡରେ ଅଣାଯାଇ ଘଟଣା ସମ୍ପର୍କରେ ଛାନଭିନ୍ କରିବ ପୁଲିସ । ପପୁ ନାମରେ ଟାଉନଥାନା, ସି ବିଚ୍, ସଦର, ବ୍ରହ୍ମଗିରି, ବଳିଆପଣ୍ଡା ଓ କୁଷ୍ଟାରପଡା ଥାନାରେ ୩୪ଟି ମାମଲା ରହିଛି । ଏହି ଘଟଣାରେ ପପୁର ସହଯୋଗୀ ସଞ୍ଜୟ ସନ୍ୟାଲ ଓରଫ ପିଂଟୁ, ହଲିକୁ (୨୮) ଗିରଫ କରାଯାଇଛି । ସଂଞ୍ଜୟ ନାମରେ ବଳିଆପଣ୍ଡା ଥାନାରେ ୨ଟି ମାମଲା ରହିଛି । ଆଣ୍ଟିଏକ୍ଟୋସ ରେସନ ଟିମ୍ ପୁରୀ ସହରରେ ସଂଗଠିତ ଅପରାଧ ଓ ଦାଦାବଟି ଉପରେ ତୀକ୍ଷ୍ଣ ନଜର ରଖିଛି । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍ କାମ କରୁଛି । ଏହି ଟିମରେ ଅତିରିକ୍ତ ଏସପି ଏମ୍. ପଣ୍ଡା, ସିଟି ଡିଏସପି ଜେ ପାଢୀ ରହିଛନ୍ତି । ଗତ ଦୁଇମାସ ଭିତରେ ଦାଦାବଟି ସଂପର୍କରେ ୧୪ଟି ମାମଲା ରୁଜୁ ହେବା ସହ ୫୬ଜଣଙ୍କୁ ଗିରଫ କରାଗଲାଣି । ପୁଲିସ ର୍ୟାଡରରେ ଆହୁରି ଅନେକ କୁଖ୍ୟାତ ଅପରାଧୀ ସ୍କାନରରେ ରହିଥିବା ସୂଚନା ମିଳିଛି ।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ପାରିବାରିକ କଳହରୁ ଆତ୍ମହତ୍ୟା ସନ୍ଦେହ

କନ୍ଧମାଳ,୬/୫ (ନି.ପ୍ର): ଫୁଲବାଣୀ ଡାକପାଲ କରଡାକାଣ୍ଡ ଜଙ୍ଗଲରେ ଏକ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର କରିଛି ଫୁଲବାଣୀ ଟାଉନ ଥାନା ପୋଲିସ । ମୃତକ ଜଣକ ସ୍ଥାନୀୟ ପିଅନପଡାରେ ରହୁଥିବା ସଞ୍ଜୟ ବିଶିମାଝୀ ବୋଲି ଜଣାପଡିଛି । ସଞ୍ଜୟର ଘରେ ପାରିବାରିକ ଅଶାନ୍ତି ଲାଗିରହିଥିବା ଏବଂ କାଲି ବିଳମ୍ବିତ ରାତିରେ ତାଙ୍କ ଘରେ କଳିଗୋଳ ହୋଇଥିଲା । ଏଥିରେ ଅତିଷ୍ଠ ହୋଇ ସଞ୍ଜୟ ବିଳମ୍ବିତ ରାତିରେ ଘରୁ ଚାଲିଯାଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଆଜି ସକାଳୁ ଲୋକେ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯିବାବେଳେ ଏକ ଭାଲିଆ ଗଛରେ ତାର ଝୁଲନ୍ତା ଶବ ଦେଖି ଲୋକେ ପୋଲିସକୁ ଖବର କରିଥିଲେ । ଫୁଲବାଣୀ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

ଜୟପୁରରେ ଲକଡାଉନ କଡାକଡି ପାଇଁ ପ୍ରଶାସନ ତତ୍ପର

ଜୟପୁର,୬/୫ (ନି.ପ୍ର): ରାଜ୍ୟ ସରକାର ପୁଣି ସମଗ୍ର ରାଜ୍ୟକୁ ଆଜି ଠାରୁ ୧୪ ଦିନିଆ ଲକ ଡାଉନ କରିଛନ୍ତି । ଦୈନିକ ବଜାରରେ ଭିଡକୁ କମାଇବା ପାଇଁ ବଜାର ଭିତରରେ ରେସନ ଦୋକାନ ବ୍ୟବସାୟ କରିବେ । ଦ୍ୱିତିୟ ଦୈନିକ ବଜାର ମାଛ ବ୍ୟବସାୟୀ ବାଇପାସ ରାସ୍ତାକୁ ସ୍ଥାନାନ୍ତର କରାଯିବ । ଆମିଶ ବଜାର ଭିତରେ କେବଳ ଆମିଷ ବ୍ୟବସାୟିହିଁ ରହି ବ୍ୟବସାୟଷ କରିବେ । ମୁଖ୍ୟ ବଜାରରେ ବସୁଥିବା ପନି ପରିବା ଓ ଫୁଲ ବ୍ୟବସାୟୀ ମୁଖ୍ୟ ରାସ୍ତାରେ ବସି ବିକ୍ରି କରିଛନ୍ତି । ବ୍ୟବସାୟି ଓ ଗ୍ରାହକ ମାସ୍କ ପିନ୍ଧିଥିବା ବେଳେ ସମଦୂରତା ରକ୍ଷା କରିଥିଲେ । ସକାଳ ୬ ଟାରୁ ମଧ୍ୟାହ୍ନ ୧୨ ଯାଏ ଅତ୍ୟାବଶ୍ୟକ ଦୋକାନ ଖୋଲା ରହିଥିଲା । ତେଣୁ ଜୟପୁର ବାସୀ ଭୟବିତ ନ ହେବାକୁ ପରାମର୍ଶ ଦେଇଛନ୍ତି । ବ୍ୟବସାୟୀମାନେ ରଜାନହର ଠାରେ ୩୦ ଫୁଟ ଦୂରତାରେ ବସି ବ୍ୟବସାୟି କରିଥିଲେ । ଏମଜି ରୋଡରେ ଗହଳି ହୋଉଥିବାରୁ ଔଲକମ ଛକ, ପୁରୁଣା ମାଛ ମାର୍କେଟର ବ୍ୟରିକେଡ କରାଯିବା ସହ ମୁଖ୍ୟ ରାସ୍ତାରେ ରଜାନହର ଓ ଜିଲା କୋଭିଡ ହସପିଟାଲ ନିକଟରେ ବ୍ୟାରିକେଡ କରାଯାଇଛି । ପୌର ପରିଷଦ ଦ୍ୱାରା ଡାକ ବାଜୀ ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି । ଆଜିର ପ୍ରଶାସନ ଯୋଜନାକୁ ଜୟପୁର ବାସୀ ସ୍ୱାଗତ କରିଛନ୍ତି । ଲକ ଡାଉନ ସମୟରେ ଗାଡି, ଚଳା ଚଳ ବନ୍ଦ ରହିବା ସହ ସମସ୍ତ ଦୋକାନ ବନ୍ଦ କେବେଳ ଟାଏ ଯାଏ ଖୋଲା ରହିଛି ଦୋକାନା । ଦିନ ୧୨ ଟା ହେବା ମାତ୍ରେ ସବୁ ବନ୍ଦ ହୋଇଛି । ଲକ ଡାଉନ କୁ ଜୟପୁର ସହରରେ କଡା କଡି ପାଳନ କରିବା ପାଇଁ ଉପଖଣ୍ଡ ପ୍ରଶାସନ ପ୍ରସ୍ତୁତ । କରୋନାର କଟକଣା ବଳୟ ମଧ୍ୟରେ ଜୟପୁର ସହର ରହିଛି । ଦିନକୁ ଦିନ କୋରନା କଟକଣା ଜୟପୁର ରେ ବଢୁଥିବା ବେଳେ ପୁର୍ବରୁ ଜୟପୁରରେ ନାଇଟ କର୍ଫ୍ୟୁ ସାଙ୍ଗକୁ ସପ୍ତାହନ୍ତ ଶନିବାର ଓ ରବିବାର ୨ ଦିନ ସଟ ଡାଉନ ବଳ ବତର ରହିଛି । ଆଜି ଠାରୁ ୧୪ ଦିନ ଧରି ସହରରେ ଲକ ଡାଉନ । ଏହି ସମୟ ମଧ୍ୟରେ ଗାଡି ମୋଟର ଚଳା ଚଳ ବନ୍ଦ କାରଣରୁ ଏବେ ବାହାରୁ ସହରକୁ ଲେକେ ଆସି ପାରିବେ ନାହିଁ । କୋରନା ଆଉ ତାର କାର୍ଯ୍ୟ ବସ୍ତାର କରିପାରିବ ନାହିଁ । ସହର ଭିତରେ ମଧ୍ୟ ଦୋକାନ ବଜାର ବନ୍ଦ ରହିଛି । ଗୋଟିଏ ସ୍ଥାନରେ ଗହଳି କରିବେ ନାହିଁ । କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ସକାଳ ୬ଟାରୁ ୧୨ଟା ଯାଏ ଦୋକାନି ଖୋଲି ପାରିବେ ଓ ଗ୍ରାହାକ ମଧ୍ୟ ନିଜ ଜିନିଷ ନେଇ ଘରକୁ ଫେରିବେ । ଲକ ଡାଉନର ପ୍ରଥମ ଦିନରେ ଜିଲାପାଳ ମହମ୍ମଦ ଅବଦୁଲ ଅକ୍ତର ମଧ୍ୟ ଠିକ ଥିବା ସହ ଲୋକଙ୍କ ସହଯୋଗ ରହିଥିବା ସୂଚନା ଦେଇଥିଲେ । ଲକ ଡାଉନକୁ କଡା କଡି କରିବା ପାଇଁ ଜୟପୁର ଉପ ଜିଲାପାଳ ହେମ କାନ୍ତ ସାୟ, ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା, ତହସିଲଦା ପ୍ରଧାନ ଟୁଲ୍ଲି ଆମ୍ବା, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ଟାଉନ ଥାନା ଅଧିକାରି ବାଲେଶ୍ୱର ଗଧ ପ୍ରମୁଖ କଡା ନଜର ରଖିଥିବା ବେଳେ ଅମାନିଆଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଫୋର୍ସ ମୁତୟନ ହୋଇ ସହରର ମୁଖ୍ୟ ଛକ ସ୍ଥାନରେ ଜଗି ଥିବା ବେଳେ କଡା ନଜର ରଖାଯାଇଛି । ଅମାନିଆ କାଜୁ ମିଲ ଉପରେ ପ୍ରଶାସନ ଚଢାଉ କରିଛି । ପୁଜାରିପୁଟ ଜୟନ୍ତିଗିରି ରାସ୍ତାରେ ଜୟପୁର ତହସିଲଦାର ଚଢାଉ କରିଛନ୍ତି । ଚଢାଉ ସମୟରେ କାମ କରୁଥିବା ଶ୍ରମିକ ମାନେ ମାସ୍କ ନ ପିନ୍ଧି କାର୍ଯ୍ୟ କରୁଥିଲେ । ଏହା ଦେଖି କାଜୁ ମିଲ ମାଲିକକୁ ତାଗିଦ କରିବା ସହ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ବା ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରିଛନ୍ତି । ଏହା ସହ ବିନା ରାୟଲଟିରେ ବାଲି ଟ୍ରାକ୍ଟର କୁ ୫ ହଜାର ଟଙ୍କାର ଜୋରିମାନା ଆଦାୟ କରାଯାଇଛି । ଏଭଳି ଭାବେ ୨୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

କୋଭିଡ୍ ଟୀକା ନେବା ପୂର୍ବରୁ ରକ୍ତଦାନ ପାଇଁ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୬/୫ (ନି.ପ୍ର): ଚଳିତ ମାସ ୧ ତାରିଖ ଠାରୁ ସମଗ୍ର ଦେଶରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କ ଲାଗି କୋଭିଡ୍ ଟୀକାକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ସାଧାରଣତଃ ୧୮ ବର୍ଷରୁ ୫୫ ବର୍ଷର ବର୍ଗର ଲୋକମାନେ ହିଁ ସ୍ୱେଚ୍ଛାକୃତ ରକ୍ତଦାନ କରି ରକ୍ତାଭାବ ଦୂର କରିବାରେ ସହାୟକ ହୋଇଥାନ୍ତି । କିନ୍ତୁ ଟୀକା ନେଇଥିବା କୌଣସି ବ୍ୟକ୍ତି ଟୀକା ନେବାର ୨୮ ଦିନ ପର୍ଯ୍ୟନ୍ତ ରକ୍ତଦାନ କରିପାରିବେ ନାହିଁ । ଏଥିପାଇଁ ଆଗକୁ ସ୍ୱେଚ୍ଛାକୃତ ରକ୍ତଦାନ ବ୍ୟାଘାତ ହେବା ସହ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇପାରେ । ଏଣୁ ଯୁବ ରେଡ୍‌କ୍ରସ୍ ଓଡ଼ିଶା ରାଜ୍ୟ ଶାଖାର ଆହ୍ୱାନ କ୍ରମେ ମାଲକାନଗିରି ଜିଲ୍ଲା ଯୁବ ରେଡ୍‌କ୍ରସ୍ ସଂସ୍ଥା ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କ ସମେତ ଜିଲ୍ଲା ଯୁବ ରେଡକ୍ରସର ଆବାହକ ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁ, ଜିଲ୍ଲା ଯୁବ ରେଡକ୍ରସର ସଂଯୋଜକ ଡି. ଆଶିଷ ରାଠୋର ଏବଂ ଅନ୍ୟାନ୍ୟ ଆଗ୍ରହୀ ଯୁବକ ମାନେ ଯୋଗଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଏକ ସଚେତନତା ର୍ୟାଲିର ଆୟୋଜନ କରାଯାଇଥିଲା । ଏହି ର୍ୟାଲି ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଆରମ୍ଭ ହୋଇ ସୁବାଷ ବୋଷ ଛକ ପର୍ଯ୍ୟନ୍ତ ଓ ତତପରେ ଡିଏମକେ ଛକ ଦେଇ ବିଦ୍ୟାଳୟ ପର୍ଯ୍ୟନ୍ତ ଫେରିଥିଲା । ଏସବିଆଇ ଏଲଡିଏମ ନୃସିଂହ ପ୍ରସାଦ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଲିର ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ସମାଜସେବୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଯୋଗଦାନ କରିଥିଲେ । ରାଲିରେ ଛାତ୍ରଛାତ୍ରୀ ମାନେ ସ୍ଲୋଗାନ୍ ଦେବା ସହ ସଚେତନତା ବାର୍ତା ପ୍ରଦାନ ପୂର୍ବକ ସମସ୍ତଙ୍କୁ ଟୀକାକରଣ ପୂର୍ବରୁ ରକ୍ତଦାନ କରିବାକୁ ଅନୁରୋଧ କରିଥିଲେ । ଅଧକ୍ଷ ଶ୍ରୀଚନ୍ଦନ ମିଶ୍ର ଛାତ୍ରଛାତ୍ରୀ ମାନଙ୍କୁ ଅନ୍ ଲାଇନ୍ ମାଧ୍ୟମରେ ସମ୍ବୋଧିତ କରିବା ସହ ପ୍ରୋତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରତ୍ନାକର ମିଶ୍ର, ନେଶ ଶବର ଏବଂ ଭାସ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମୀର କୁମାର ଡାକୁଆ ଓ ଲକ୍ଷ୍ମୀଧର ମାଟିଆ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

ଟୀକାକରଣ କେନ୍ଦ୍ରରେ କୋଭିଡ ଗାଇଡ ଲାଇନର ଧଜିଆ ଉଡୁଛି: ନୀରବଦ୍ରଷ୍ଟା ପ୍ରଶାସନ

କେନ୍ଦୁଝର,୬/୫ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ପୋଲିସ କର୍ମଚାରୀ ଙ୍କର ଉପସ୍ଥିତିରେ କୋଭିଡ ଗାଇଡ ଲାଇନକୁ ଯେଭଳି ଖୋଲା ଖୋଲି ଅଣଦେଖା କରାଯାଉଛି ତାହା ପ୍ରତ୍ୟେକ ସଚେତନ ନାଗରିକଙ୍କର ଚିନ୍ତା ବଢାଇ ଦେଇଛି । ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଲଡିଂ ରେ ରହିଥିବା କୋଭିଡ ଟୀକାର ଅଭାବ ଦେଖା ଦେବା କାରଣରୁ ଟୀକାକରଣ କେନ୍ଦ୍ରରେ ନୀହିଁ ନ ଥିବା ଭିଡ ହେଉଥିବା ବେଳେ ଏଠାରେ କୋଭିଜ ଗାଇଡ ଲାଇନର ଖୋଲା ଖୋଲି ଧଜିଆ ଉଡୁଥିବା ଦେଖିବାକୁ ମିଳଛି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଏକ ପଟେ ବିଭିନ୍ନ ସ୍ଥାନରେ ତଥା ଦୋକାନ ମାନଙ୍କରେ ମାସ୍କ ପରିଧାନ କରି ନଥିବା ବା ସାମାଜିକ ଦୂରତା ରକ୍ଷା କରୁନଥିବା ଅମାନିଆଙ୍କ ଠାରୁ ପୋଲିସ ଦଣ୍ଡିତ କରି ଜୋରିମାନା ଆଦାୟ କରୁଥିବା ବେଳେ ଅନ୍ୟପଟେ ଏହି କେନ୍ଦ୍ରରେ ଡ୍ୟୁଟିରେ ନିୟୋଜିତ ସେହି ପୋଲିସ ବାବୁମାନେ କିନ୍ତୁ ନୀରବଦ୍ରଷ୍ଟା ସାଜିଥିଲେ । ଏପରିକି ଗହଳିକୁ ନିୟନ୍ତ୍ରଣ କରି ସାମାଜିକ ଦୂରତା ବଜାୟ ରଖିବା ବ୍ୟବସ୍ଥା କରିବାକୁ ସେମାନଙ୍କୁ କେତେକ ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ କେହି ସେଥିପ୍ରତି ଗୁରୁତ୍ୱ ଦେଇନଥିଲେ । ଯେଉଁଥିପାଇଁ ସେଠାରେ ଉପସ୍ଥିତ ସଚେତନ ନାଗରିକ ମାନେ ଅସନ୍ତୋଷ ପ୍ରକାଶ କରିବା ସହ ନିଜେ ନିଜେ ଦୂରକୁ ଚାଲିଯାଉଥିବା ଦେଖିବାକୁ ମିଳିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ କୌଣସି ଜଣେ ହେଲେ ବି ସ୍ୱାସ୍ଥ୍ୟ ବିବାଗ ଅଧିକାରୀ ସେହି ଟୀକକରଣ କେନ୍ଦ୍ରର ଅବସ୍ଥା ଅବଲୋକନ କରିବାକୁ ତଥା ଚିଲିଥିବା ବ୍ୟବସ୍ଥାପର ପରିଚାଳନା ସଂପର୍କରେ ଅନୁଧ୍ୟାନ କରିବାକୁ ଆସୁନାହାଁନ୍ତ । ଏପରିକି ଟୀକକରଣ କେନ୍ଦ୍ରରେ ପ୍ରିୟା ପ୍ରୀତି ହେଉଥିବାର ଅଭିଯୋଗ ଆସିଛି । ଅନ୍ୟ ପକ୍ଷରେ କେନ୍ଦୁଝର ଜିଲ୍ଲାରେ ଚିହ୍ନଟ ହେଉଥିବା ସଂକ୍ରମିତଙ୍କ ମଧ୍ୟରେ କେନ୍ଦୁଝର ଗଡ ମ୍ୟୁନିସପାଲଟି ଅଂଚଳରେ ସବୁଠାରୁ ଅଧିକ ସଂକ୍ରମିତ ରୁହୁଛନ୍ତି । ମ୍ୟୁନିସପାଲଟି ର ବିଭିନ୍ନ ଓ୍ୱାର୍ଡ ରେ ପ୍ରାୟତଃ ଘରେ ଘରେ ଥଣ୍ଡା କାଶ ଜ୍ୱର ଲାଗି ରହୁଥିବା କାରଣରୁ ଲୋକଙ୍କ ମଧ୍ୟରେ କୋଭିଡକୁ ନେଇ ସ୍ୱଭାବିକ ଭାବେ ସଂଶୟ ସୃଷ୍ଟି ହେଉଛି । ଯେଉଁଥି ପାଇଁ ନିଜର ସ୍ୱାସ୍ଥ୍ୟବ୍ୟସ୍ଥା ତଥା କୋଭିଡ ସଂପର୍କରେ ଜାଣିବା ପାଇଁ ସହରର କୋଭିଡ ପରୀକ୍ଷଣ କେନ୍ଦ୍ରରେ ଭିଜ ହେଉଥିବା ବେଳେ ଲୋକମାନେ ପୁଣି ସାମାଜିକ ଦୂରତା ରକ୍ଷା କରିବା କଥା ଭୁଲିଯାଉଛନ୍ତି । ଯାହା କି ବାଳିକା ବିଦ୍ୟାଳୟସ୍ଥିତ ପରୀକ୍ଷଣ କେନ୍ଦ୍ରରେ ଦେଖିବାକୁ ମିଳିଛି । ଏଦିଗରେ ଜିଲ୍ଲା ପ୍ରଶାସନ , ସ୍ୱାସ୍ଥ୍ୟ ବିଭାଗ ପ୍ରଶାସନ ଓ ପୋଲିସ ପ୍ରଶାସନ ଗୁରୁତ୍ୱ ଦେଇ ତୁରନ୍ତ ବ

ମନୋଜ ଦାସ ସ୍ମୃତିଗ୍ରନ୍ଥ

ଆବିର୍ଭାବ: ୨୭ ଫେବୃଆରୀ ୧୯୩୪
ତିରୋଧାନ: ୨୭ ଅପ୍ରେଲ ୨୦୨୧

ଜଳୁଥିବା ଶିଖା

ରତ୍ନାକର ରାଉତ

ଦୀପାଳିର ଶିଖା ସଭିଙ୍କୁ ଦିଶେ ।
ସଭିଏଁ ଆଲୋକରେ ଆଲୋକିତ ହୁଅନ୍ତି
ଓ ଆଲୁଅରେ ଭରପୂର ଆନନ୍ଦ ଉଠାନ୍ତି ।
ଦୀପାଳି ବି' ଜଳିଜଳି
ବାଣ୍ଟି ଚାଲିଥାଏ ଆଲୁଅ ।
ଜଳିବାରେ ଥାଏ ତା'ର ଅସୀମ ଆନନ୍ଦ ।

ନା ଦୀପକୁ ଜଣାଥାଏ, ନା ଅନ୍ୟ କାହାକୁ
ଆଗକୁ ଜଳିବାକୁ ତା' ଦେହରେ
ବାକିଥାଏ କେତେ ତେଲ
ଓ ବଳିତାର ଅବଶେଷ,
ସେଥିକୁ ନଜର ନଥାଏ କାହାର ।

ପ୍ରଜ୍ୱଳିତ ଶିଖାକୁ ଦେଖି
କିଏ କାହିଁକି ଭାବିବ ଅନ୍ୟଥା ।
କାହିଁକି ଭାବିବ ତେଲ ସରିସରି
ଆସିଲା ବେଳକୁ ଜୋର ଜଳିଉଠୁଛି
ଦୀପଶିଖା ।
ଏପରି କାଳତୁଣ୍ଡିଆ କଥା
କାହିଁକି କାହା ମନକୁ ଆସିବ ?

ତେଲ ସରି ଆସିଲାଣି ଦୀପାଳିରୁ,
ନିର୍ବାପିତ ହେବାକୁ ଶିଖା ବାକିଅଛି କିଛିକ୍ଷଣ,
ତା'ପରେ ଘୋଟିଆସିବ ଘନଘୋର ଅନ୍ଧକାର,
କିଏ କ'ଣ ପାଇଁ ଏଭଳି ଅମଙ୍ଗଳ ଚିନ୍ତା
କରିବ ?

କିନ୍ତୁ ଯେ ତ' ଆଉ ଅଖଣ୍ଡ ଦୀପ ନୁହେଁ
ଜଳୁଥିବ ଅବିରତ ଯୁଗ ଯୁଗାନ୍ତର ।
ଏ ଦୀପରୁ ତେଲ ସରିବା ଏକ ଧ୍ରୁବ ସତ୍ୟ ।
ଏହା ତାର ନିୟତି ।

ତେଲ ସରି ଆସିଲେ ଦୀପରୁ
ବାକି ସଳିତା, ପୋଡ଼ି ପୋଡ଼ି
କିଛି ମୁହୂର୍ତ୍ତ ହୁଏତ ଆଲୁଅ
ବାଂଟିବାକୁ ସଂଘର୍ଷ କରିବ ।
ସଳିତା ପୋଡ଼ି ପାଉଁଶ ହୋଇଗଲେ
ଆଲୁଅ ତିରୋହିତ ହୋଇଯିବ ସଭିଙ୍କ ଦୃଷ୍ଟିରୁ,
ଏବଂ କ୍ରମେ କ୍ରମେ ଘୋଟିଆସିବ ଅନ୍ଧାର ।
କେବଳ ବାକି ରହିଯିବ ଅବଶିଷ୍ଟ
କୁହୁଳା ଦୀପଶିଖାର ଅପାସୋରା ବାସ୍ନା ।
ପ୍ରତ୍ୟେକ ଜୀବନ ତ' ଗୋଟେ ଗୋଟେ
ଦୀପାଳି
ଏ ଜୀବନ ଉପରେ କଣ ଭରସା ?
ସେତ ଜଳୁଥିବା ଶିଖା
କେତେବେଳେ ଅନ୍ତର୍ହିତ ହୋଇଯିବ
କେଉଁ ମୁହୂର୍ତ୍ତରେ କାହାକୁ ଜଣା ? ●

ମନୋଜ ଦାସ...

ସୁରଞ୍ଜନ ପାତ୍ର

ମନୋଜ ଦାସ
ଶବ୍ଦର ଦେବାଳୟେ
ମନ୍ତ୍ରମୟ ଧ୍ୱନି
ଅମୃତ ଫଳ ପ୍ରାପ୍ତ
ଅତି ମାନସ ଚେତନାର
କାଳଜୟୀ ମୁନି
ଭାବର ଚନ୍ଦନ ବନେ
ମହମହ ବାସ
କବିତାର ସ୍ୱର୍ଣାଭ ବେଳାରେ ସୂକ୍ଷ୍ମ ପଦଧ୍ୱନି ।

ମନୋଜ ଦାସ
ଶତାବ୍ଦୀର ଆର୍ତ୍ତନାଦ ଶୁଣି ପାରୁଥିବା
ଯୁଗଜନ୍ମା ସନ୍ଥ
କନକ ଉପତ୍ୟକାର ରାଜା
ଅବୋଲକରାର ପୃଥିବୀ
ଧୂମ୍ରାଭ ଦିଗନ୍ତ ତଳେ
ନନ୍ଦାବତୀର ମାଝି ।

ମନୋଜ ଦାସ
ସମୁଦ୍ର କୂଳର ଏକ ଗ୍ରାମେ ବସି
ସମୁଦ୍ରର କ୍ଷୁଧା ମାପି ପାରୁଥିବା
ଜଣେ ଆବୁପୁରୁଷ
ଲକ୍ଷ୍ମୀର ଅଭିସାର ଆଙ୍କୁଥିବା
ପ୍ରଜ୍ଞା - ପ୍ରଦୀପିକା
ଉପକଥାର ଶତକ ।

ମନୋଜ ଦାସ
ସ୍ମୃତି ଓ ବିସ୍ମୃତିର ସାରନାଥ
ଅରଣ୍ୟର ଉଲ୍ଲାସ
ବିପୂଳାଚ ପୃଥିବୀ
ଚନ୍ଦ୍ରାଲୋକର ପ୍ରହରୀ
ଆକାଶର ଇସାରା
ଭିନ୍ନ ମଣିଷ ଓ
ଶେଷ ବସନ୍ତର ଚିଠି
ମନୋଜ ଦାସ ମହାଯୋଗୀ
ଆଲୋକ ଓ ଆନନ୍ଦର କାହାଣୀ
ପୁଣ୍ୟ ଗର୍ଭା ଭାରତର
ମୁକ୍ତାକାଶ ଖୁସି ।

● **ନୀହାରବନ୍ୟା ସାହିତ୍ୟ ସଂସଦ**
ନୂଆଗାଁ,ଶିଙ୍ଗାଖୁଂଟା,
ସୋର,ବାଲେଶ୍ୱର-୪୫
(ମୋ) ୮୧୧୭୮୦୫୯୫୯

ଅଲିଭା ପଦଚିହ୍ନ...

ଡକ୍ଟର୍ ବିରଂଚି କୁମାର୍ ସାହୁ

ଓଡ଼ିଆ ଭାଗବତରେ ଜଗନ୍ନାଥ ଦାସ ଠାଏ ଲେଖିଛନ୍ତି-

'ପ୍ରାଣୀର ଭଲମନ୍ଦ ବାଣୀ
ମରଣ କାଳେ ତାହା ଜାଣି ।'

ଜୀବଦଶାରେ ମଣିଷ ଯେତିକି ଜାଣିଥାନ୍ତି ଜଣକୁ, ଆକଳନ କରିଥାନ୍ତି, ବା ଅନ୍ୟମାନେ ଜାଣିନଥାନ୍ତି, ମୃତ୍ୟୁ ପରେ ତାହା ଜଣାପଡ଼ିଯାଏ । ପ୍ରକୃତରେ ମଣିଷଟି କ'ଣ ଥିଲା ? କ'ଣ କରିଥିଲା ! ମରଣ ପରେ ତା'ର ମୂଲ୍ୟାୟନ ହୁଏ । ଛାଡ଼ି ଯାଇଥିବା ପଦଚିହ୍ନ ସମୁଦ୍ରର ଉତ୍ତାଳ ଢେଉରେ, ପବନର ହିଲ୍ଲୋଳରେ, ପାବକର ଦାହିକା ଶକ୍ତିରେ ତାହା ଆଦୌ ଲିଭିଯାଏ ନାହିଁ, ସେ ହେଇଯାଏ ଅଲିଭା ପଦଚିହ୍ନ । ପ୍ରତେକଟି ସ୍ମୃତିରେ ସେ ସାଇତି ହୋଇ ରହିଯାନ୍ତି ଯେମିତି, ସେ ରହିଥିଲେ, ରହିଛନ୍ତି ଓ ଆଗାମୀ କେତେ ଶତାବ୍ଦୀ ଯାଏ ହୁଏତ ରହିବେ ପ୍ରତ୍ୟେକଟି ଓଡ଼ିଆର ହୃଦୟ କନ୍ଦରରେ, ସାହିତ୍ୟର ସପିପାସୁଙ୍କ ମନରେ, ତାଙ୍କୁ ଭଲ ପାଉଥିବା ସମସ୍ତ ମଣିଷଙ୍କ ମନ, ଆତ୍ମାରେ....

ମନୋଜ ଦାସ, କେବଳ ଏତିକି । କହିଦେଲେ ଯେଉଁ ଚେହେରାଟି ଆପେ ଆପେ ଆଖି ସାମ୍ନାକୁ ଆସେ- ଆଜି ସେ ନାହାନ୍ତି ! ଭାବି ହେଉନି, ତାଙ୍କ ଅବର୍ତ୍ତମାନରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ଯେଉଁ କ୍ଷତ ସୃଷ୍ଟି ହୋଇଛି ଓଡ଼ିଆ ସାହିତ୍ୟରେ ତାହା ଅପୂରଣୀୟ ନିଶ୍ଚୟ । ବ୍ୟଥିତ କରିଛି ମନୋଜ ପ୍ରେମୀଙ୍କୁ ।

ମନୋଜ ଦାସ, ଗୋଟିଏ ଲିଜେଣ୍ଡ (**Legend**)ର ନାଁ । ପ୍ରତିଦ୍ୱନ୍ଦ୍ୱୀ ଓ ପ୍ରତିସ୍ପର୍ଦ୍ଧୀ ତାଙ୍କର କେହି ଅଛନ୍ତି ବୋଲି ଭାବିହୁଏ ନାହିଁ । ଫେବୃଆରୀ ୨୭, ୧୯୩୪ ଯେଉଁ ମାଟି ଏହି ସନ୍ତାନକୁ ଜନ୍ମଦେଇ ପୁଲକିତ ହୋଇଥିଲା, ଅପ୍ରେଲ୍ ୨୭, ୨୦୨୧ ସେହି ମାଟି ଆଜି ସ୍ତବ୍ଧ, ଚକିତ ତାଙ୍କ ଦେହାବସାନର ବାର୍ତ୍ତା ଶୁଣି । ସେଥିରେ ଫକୀରମୋହନ ଆଉ ଗୋପୀନାଥ ମହାନ୍ତିଙ୍କ ଉତ୍ତରଦାୟାଦ । କବିତା ଲେଖାରୁ ସାହିତ୍ୟିକ ଜୀବନର ଆରମ୍ଭ ଘଟିଥିଲା ତାଙ୍କର । କବିତା, ଗଳ୍ପ, ଉପନ୍ୟାସ, ଭ୍ରମଣ କାହାଣୀ, ସ୍ମୃତିକଥା, ଇତିହାସ ଓ ସଂସ୍କୃତି ସମ୍ବଳିତ ଲେଖା, ଶିଶୁ କିଶୋର ସାହିତ୍ୟ ପ୍ରଭୃତି ତାଙ୍କର ଓଡ଼ିଆ ସାହିତ୍ୟକୁ ଅବଦାନ । ଏତଦ୍‌ଭିନ୍ନ ଇଂରାଜୀ ପତ୍ରିକା ସଂପାଦନା କରିବା ଓ ଇଂରାଜୀ ଭାଷାରେ ଲେଖିବାରେ ତାଙ୍କର ନୈପୁଣ୍ୟ ତାଙ୍କୁ ଭିନ୍ନ ଏକ ଲେଖକର ମର୍ଯ୍ୟାଦା ପ୍ରଦାନ କରିଛି ।

ପ୍ରାଚୀନ ଭାରତୀୟ କାହାଣୀ ପରମ୍ପରା ଆଧାରରେ ତାଙ୍କ ଗଳ୍ପଗୁଡ଼ିକ ହୋଇଛି ରୁଦ୍ଧିମନ୍ତ । ସେଥିପାଇଁ ତାଙ୍କୁ ଆଧୁନିକ ଯୁଗର ବିଷ୍ଣୁ ଶର୍ମା ବୋଲି ଅନେକ ସ୍ୱୀକାର କରିଥାନ୍ତି । ପ୍ରାଚୀନ କାହାଣୀକୁ ନୂଆ ଢଂଗରେ ପରିବେଷଣ କରି ସେ ହୋଇଛନ୍ତି ଖ୍ୟାତିସଂପନ୍ନ କଥାକାର । ସେଥିପାଇଁ ତାଙ୍କର ଅନେକ ଗଳ୍ପ ସଂକଳନର ନାମରେ ସେ କାହାଣୀ ଶବ୍ଦକୁ ପ୍ରୟୋଗ କରିଥାନ୍ତି । ମନୋଜ ଦାସଙ୍କ କଥା ଓ କାହାଣୀ, ଅପୋଲକରା କାହାଣୀ, ବିଷକନ୍ୟାର କାହାଣୀ, ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ, ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ, ଚତୁର୍ଥ ବଂଧୁ ଓ ଅନ୍ୟାନ୍ୟ କାହାଣୀ ଏହାର ଗୋଟିଏ ଗୋଟିଏ ବିରଳ ଦୃଷ୍ଟାନ୍ତ । ଭାରତୀୟ ସଂସ୍କୃତି ତଥା ଜୀବନ ଚଳଣିର ସେ ଥିଲେ ବିଶ୍ୱସ୍ତ ରୂପକାର । ତାଙ୍କ କଥକତା ଓ କାହାଣୀ ଗୁଂଫନ ଶୈଳୀ ଅନ୍ୟମାନଙ୍କଠାରୁ ତାଙ୍କୁ ନିଆରା ଭାବେ ପ୍ରତିଷ୍ଠା ଦେଇଛି । ସେହିପରି ଓଜସ୍ୱିନୀ, ସଂସ୍କୃତି ସଂପନ୍ନ ଭାଷା, ଏବଂ ଶୈଳୀରେ ରସନିପୁଣତା, ବ୍ରକ୍ତୋକ୍ତି ତାଙ୍କୁ ସ୍ୱତନ୍ତ୍ର ଲେଖକର ମାନ୍ୟତା ପ୍ରଦାନ କରିଛି । ମନୋରଞ୍ଜନ ଧର୍ମିତା ସହ ବୌଦ୍ଧିକ ଜିଜ୍ଞାସାବୋଧ ସୃଷ୍ଟି କରିବାରେ ତାଙ୍କ କାହାଣୀ ଗୁଡ଼ିକ ବେଶ୍ ସଫଳ । ବିଭିନ୍ନ ପ୍ରକାର ବିଷୟବସ୍ତୁ ଓ ପରିବେଶ ନେଇ ମନୋଜ ଦାସଙ୍କ ଗଳ୍ପର ଭାଷା ଓ ଶୈଳୀ ସ୍ୱତନ୍ତ୍ର । ତାଙ୍କ ଗଳ୍ପ ଗୁଡ଼ିକରେ ଅଛି ସାମନ୍ତବାଦୀ ଶୈଳୀ, ହାସ୍ୟରସ, ବ୍ୟଙ୍ଗାତ୍ମକ ଦୃଷ୍ଟି, ଅଛି ପୁଣି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାଷା । ଆଲୌକିକ ଓ ଅବାସ୍ତବ କଥାକୁ ନେଇ ଚମତ୍କାର ଗଳ୍ପ ସୃଷ୍ଟିକରି ପାରନ୍ତି ସେ । ସମାଜ-ରାଜନୀତିକ ପୃଷ୍ଠଭୂମି, ଯୌନ ବର୍ଣ୍ଣନାଭିତ୍ତିକ ପୃଷ୍ଠଭୂମି, ବ୍ୟକ୍ତିର ଅହଂପ୍ରମତ୍ତ ଓ ଛଳନାର ମୁଖା, କିମ୍ବଦନ୍ତୀ ଆଧାରରେ ଗଳ୍ପ ରଚନା ପ୍ରକୃତିକୁ ଆଧାର କରି ସେ ରଚନା କରିଛନ୍ତି ଅଜସ୍ର କଥା ଓ କାହାଣୀ । ଆଧୁନିକ ଭାରତର ଆଧ୍ୟାତ୍ମିକ ଦିଗଦ୍ରଷ୍ଟା ମହାମନୀଷୀ ଶ୍ରୀ ଅରବିନ୍ଦଙ୍କ ଦର୍ଶନର ସେ ଜଣେ ମୁଗ୍ଧ ପ୍ରଶଂସକ । ସେହି ଶ୍ରୀ ଅରବିନ୍ଦ ଓ ଶ୍ରୀମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ୧୯୬୩ ମସିହାରେ ପଣ୍ଡିଚେରୀ ସଂପ୍ରତି (ପଡୁଚେରୀ) ଚାଲିଯାଇଥିଲେ ଏବଂ ସେଇଠି ରହିଗଲେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ । ଆଶ୍ରମିକ ଜୀବନ ସେ ଅତିବାହିତ କରିଛନ୍ତି । ପାର୍ଥିବ ସୁଖ, ସ୍ୱଚ୍ଛନ୍ଦ୍ୟ, ଜୀବନ ସବୁ ପାଇଛନ୍ତି, ପାଇଛନ୍ତି ଅସଂଖ୍ୟ ସମ୍ମାନ ଓ ସମ୍ବର୍ଦ୍ଧନା । ମାତ୍ର ଜୀବନ ବଞ୍ଚିଛନ୍ତି ଏକ ତ୍ୟାଗୀ, ସନ୍ନ୍ୟାସୀର ଜୀବନ ଭଳି । ସବୁପାଇ, ସବୁଥାଇ ମଧ୍ୟ ସେ ଉଦାସୀନ ଥିଲେ ଯେମିତି ଏସବୁ ପ୍ରତି । ସମ୍ମାନ, ଖ୍ୟାତି ତାଙ୍କୁ ଅହମିକାର ଶିଖରରେ ପହଁଞ୍ଚାଇ ନାହିଁ ବରଂ ନମ୍ର, ଧୀର ମଣିଷ ଭାବେ ନିଜର ସ୍ଥିତଧୀର ପରିଚୟ ଦେଇଛନ୍ତି । ଶ୍ରୀ ଅରବିନ୍ଦଙ୍କ ଦର୍ଶନକୁ ସେ ମର୍ମେ ମର୍ମେ ଅନୁଭବ କରି ସେହିପରି ନିଜେ ବଞ୍ଚିବା ସହ ସମାଜକୁ ଦେଇଛନ୍ତି ବାର୍ତ୍ତା । ତାଙ୍କ ଗଳ୍ପ ଗୁଡ଼ିକ ଏହାର ନିଦର୍ଶନ ।

ଜଣେ ମାନବବାଦୀ କଥାକାର ଭାବେ ତାଙ୍କ ସୃଷ୍ଟି ରାଜିରେ ରହିଛି ଜୀବନ ପ୍ରତି ପ୍ରଚୁର ମମତା ଓ ଭଲପାଇବା । ଚିର ରହସ୍ୟମୟ ସଂସାରର ଶ୍ରେଷ୍ଠ ଜୀବ ମଣିଷକୁ ସେ ଆନ୍ତରିକତାର ସହ ଭଲ ପାଇଛନ୍ତି । ସଂସାରର ଦୁଃଖ ସୁଖ ଭିତରୁ ଜୀବନ ସତ୍ତାର ଅନ୍ୱେଷଣ କରିବାକୁ ସେ ତତ୍ପର । ସାଧାରଣ ଜୀବନଠାରୁ ଆରମ୍ଭ କରି ଆଧ୍ୟାତ୍ମବାଦ ତଥା ଆଧିଭୌତିକ ଜିଜ୍ଞାସା ବୋଧ ପର୍ଯ୍ୟନ୍ତ ତାଙ୍କ ଗଳ୍ପର ଭାବବସ୍ତୁ ପରିବ୍ୟାପ୍ତ । ଏମିତି ଏକ ମହାନ୍ କଥାକାର, ମହାନ୍ ପ୍ରବକ୍ତା, ସ୍ଥିତିଧୀ, ଅରବିନ୍ଦ ଦର୍ଶନର ମାର୍ମିକ ଉପସ୍ଥାପକ, ଯୋଗୀ ପୁରୁଷ ମନୋଜ ଦାସଙ୍କ ବିୟୋଗ ସମଗ୍ର ଭାରତୀୟ ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି । ଅମୃତ ସଂଧାନୀ, ସାହିତ୍ୟ ସନ୍ନ୍ୟାସୀ, ଉଜ୍ୱଳ ଜୋତିଷ୍କ, ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା, ମନସ୍ୱୀ, ବାଗ୍ମୀ... ଏମିତି ଯେତେ ଆଭୂଷଣରେ ତାଙ୍କୁ ବାଂଧି ପକାଇଲେ ତାହା ଅକୁଳାଣ ହେବ ନିଶ୍ଚୟ । ତାଙ୍କ ଅବର୍ତ୍ତମାନରେ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ସମ୍ମାନ ଜଣାଉଛି । ସତେକି ସେ ଫେରି ଆସିବେ ଯେମିତି ଏଇ ଚିହ୍ନାଚିହ୍ନା ତାଙ୍କର ଅତି ପ୍ରିୟ ପୃଥିବୀକୁ ଆଉ ସାନ୍ତ୍ୱନା ଦେବେ...

'ମୁଁ ପୁଣି ଆସିବି ଫେରି
ସମୟର ଶୁଭ୍ରବାଲୁଚରେ
ବାରି ବାରି ପଦଚିହ୍ନ,
ଏ ବିସ୍ମୃତ ତିମିର- ଶିବିରେ
ବେନିକରେ ଆଣିଥିବି
ସେଦିନ ମୁଁ ଆବୋରି ଯତନେ
ପ୍ରଥମ ପ୍ରଦୀପ ଏଇ
ଅଭିଶପ୍ତ ତମସା ସଦନେ...

ମନୋଜ ଦାସ ଛାଡ଼ିଗଲେ ଅଲିଭା ପଦଚିହ୍ନ- ଯୁଗଯୁଗ ପାଇଁ ।

● **ଅଧ୍ୟାପକ, ଓଡ଼ିଆ ବିଭାଗ**
ଉଦୟନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର
ଅଡଶପୁର,
କଟକ- ୭୫୪୦୧୧
ମୋ: ୯୯୩୭୧୯୯୮୦୦

ଡ. ଭାଗବତ ବେହେରା

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି....

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେହେଁ ମରଇ....(ଶ୍ରୀମଦ୍ ଭାଗବତ) ଏହାହିଁ ତ ଚିରନ୍ତନ ସତ୍ୟ । ମୃତ୍ୟୁଠାରୁ ବଳି ସତ୍ୟ ଏ ମରମଣ୍ଡଳରେ ଆଉ କିଛି ନାହିଁ । ମୃତ୍ୟୁ ହିଁ ଦେଇଥାଏ ଅମୃତର ସନ୍ଧାନ । ସେହିଭଳି ପୀୟୂଷ ଝରଣାରେ ସବୁଦିନ ପାଇଁ ସ୍ନାନ କରିବା ପାଇଁ ଚାଲିଗଲେ ଉତ୍କଳ ମାତାଙ୍କର ଯୋଗ୍ୟତମ ସନ୍ତାନ, ଉତ୍କଳ ଭାରତୀଙ୍କର ବରପୁତ୍ର ଅମୃତ ସନ୍ଧାନୀ ମନୋଜ ବାବ, ଦୀର୍ଘ ସତାଅଶି ବର୍ଷର ଜୀବନଯାତ୍ରାର ରଥକୁ ଅଟକାଇ ଦେଇ । କେବଳ ଓଡ଼ିଶାରେ ନୁହେଁ ସାରା ଭାରତ ବର୍ଷରେ ତତ୍‌ସହିତ ସମଗ୍ର ବିଶ୍ୱରେ ଉତ୍କଳୀୟ ଚିନ୍ତା ଚେତନା, ଧର୍ମ,ଦର୍ଶନ, ସାହିତ୍ୟ, ସଂସ୍କୃତିରୂପୀ ମୃଗମନ କସ୍ତୁରୀର ବାସ୍ନାକୁ ବୁହାଇ ଦେଇ ସେ ହେଲେ ଅନନ୍ତ ପଥର ଯାତ୍ରୀ । କାଳ ସିନା କବଳିତ କରିନେଲା ପଞ୍ଚଭୂତରେ ପରିପୂର୍ଣ୍ଣ ତାଙ୍କର ଶରୀରକୁ ହେଲେ ତାଙ୍କ ଯଶ, କୀର୍ତ୍ତି, ଖ୍ୟାତି, ସୁନାମକୁ କାଳ କ'ଣ ଶୋଷି ନିଃଶେଷ କରିଦେଇ ପାରିବ ? ତାଙ୍କ କଣ୍ଠରୁ ଝରି ପଡୁଥିବା ସୁମଧୁର ସନ୍ଦେଶ, ତାଙ୍କ ଲେଖନୀରୁ ନିଗିଡ଼ି ଆସିଥିବା ବୌଦ୍ଧିକ ଚିନ୍ତାଚେତନାପୂର୍ଣ୍ଣ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତାର ଧାରା ଚିରସ୍ରୋତା ମନ୍ଦାକିନୀ ସଦୃଶ ସବୁଦିନ ପାଇଁ ମଣିଷ ଜାତିର ଅନ୍ତରକୁ ପ୍ଲାବିତ ହୋଇ ଚିର ସବୁଜମୟ କରି ଗଢ଼ି ତୋଳୁଥିବ । ମରି ମଧ୍ୟ କାଳ କାଳ ପାଇଁ ସେ ଅମର ହୋଇ ରହିଥିବେ ଏ ଜାତିର ଅନ୍ତରରେ, ଚିନ୍ତାଚେତନାରେ । ଉତ୍କଳମାତା ଦିବ୍ୟ ପୁରୁଷ ଫକୀରମୋହନଙ୍କ ପରେ ଆଉ ଜଣେ ଦ୍ୱିତୀୟ ଯୋଗ୍ୟ ସନ୍ତାନଙ୍କୁ ହରାଇଲା । ଏ କ୍ଷତି ଅପୁରଣୀୟ । ବାଲେଶ୍ୱର ଜିଲ୍ଲାର ଶେଷାଂଶ ଭୋଗରାଇ ମାଟିରୁ ଜନ୍ମଲାଭ କରି, ସତର ବର୍ଷରୁ ସାହିତ୍ୟ ସାଧନାରେ ବ୍ରତୀ ହୋଇ, ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ଯୋଗୀ ମନୋଜବାବୁ- ସତରରୁ ସତାଅଶି- ଏହି ଦୀର୍ଘ ସତୁରୀ ବର୍ଷର ସାହିତ୍ୟ, ଧର୍ମ, ଦର୍ଶନର ଅନୁଚିନ୍ତାରେ ସାରା ବିଶ୍ୱକୁ କରିଦେଇ ଯାଇଛନ୍ତି ଚମତ୍‌କୃତ । ଏହି ପ୍ରଣମ୍ୟ ପୁରୁଷ ଆପଣ ମରି ମଧ୍ୟ ଅମର । ଆପଣଙ୍କୁ ମୋର ଶତକୋଟି ପ୍ରଣାମ । ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶା ଥିବ, ଓଡ଼ିଆ ଜାତି ଥିବ, ଓଡ଼ିଆ ସାହିତ୍ୟ ଥିବ, ଉତ୍କଳ ଆକାଶରେ ଚନ୍ଦ୍ର ସୂର୍ଯ୍ୟ ଆତଯାତ ହେଉଥିବେ- ସେତେଦିନ ପର୍ଯ୍ୟନ୍ତ ଏ ଜାତିର ସ୍ମୃତିକୋଷରେ ଆପଣ ଅମର ହୋଇ ରହିଥିବେ । ଏ ଦେଶର ଗୋଡ଼ି, ମାଟି, ପାଣି, ପବନ ସମସ୍ତେ ଆପଣଙ୍କୁ ଝୁରୁଥିବେ । ଶେଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ସେ ଆପଣଙ୍କ ଅମର ଆତ୍ମାକୁ ଚିରଶାନ୍ତି ପ୍ରଦାନ କରନ୍ତୁ ।

● **ଅବସରପ୍ରାପ୍ତ ପ୍ରାଧ୍ୟାପକ**
କିଆଗୋହିରୀ, ରାଣୀପାଟଣା,
ବାଲେଶ୍ୱର

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଅଞ୍ଜଳି ପଣ୍ଡା

ଏତେ ଆପଣାର ମଣିଷହେ
ନନ୍ଦାବତୀର ମାଝୀ
ଚନ୍ଦ୍ରାଲୋକ ପ୍ରହରୀ
ଯାଇଛ ସତେକି
'ଶେଷ ତାନ୍ତ୍ରିକ'କୁ ଖୋଜି ।
ହେ ମାର୍ଗ ଦର୍ଶକ
ଖୋଜିଲି ଅନେକ
ମନୋଜାୟନେ ପଶି
ନହେଲା ସାକ୍ଷାତ
ଦେଖିଲି କେବଳ
ହସହସ ତୁମ ଛବି ।
ଖୋଜିଲି ଫକୀର ମୋହନ
କୋଠା
ଖୋଜିଲି ଶଙ୍ଖାରୀ ଭୂଇଁ
ଖୋଜିଲି କେତେ ଅର୍‌ଭିଲରେ
ତୁମ ଦର୍ଶନ ପାଇଁ ।
ସମୁଦ୍ରକୁଳିଆ ଛୋଟ
ଗାଆଁଟି ଦେଇଛି ହଜାଇ
କାନ୍ଦୁଛି ଯେ କଇଁକଇଁ
ଯେତେ ବି ଖୋଜିଲେ
ମିଳୁ ତ ନାହିଁ ତୁମ
ଦେହର ଛାଇ ।
ଓଡ଼ିଆ ହଜାଇ ଦେଇଛି
ତାର ଅମୂଲ୍ୟନିଧି
ପୂଣ୍ୟ ବୈଶାଖେ ତିରୋହିତ
ଧ୍ରୁବତାରାଟି
ଆମ ଆକାଶୁ ଆଜି ।
ନୀରବି ଗଲା ଲେଖନୀ
ଚିରନିଦ୍ରାରେ ହେମହାସାଧକ
ପଡୁଚେରୀର ମହୋଦଧି
ନୀରେ ମିଶିଲ ହୋଇ
ମୁଠେ ପାଉଁଶ ।
ଓଡ଼ିଆ ସାହିତ୍ୟ ଭଣ୍ଡାରକୁ
ସମୃଦ୍ଧ କଲ
ଦେଇ କାଳଜୟୀ କୃତି
ହେ ପ୍ରଜ୍ଞା ପୁରୁଷ
ତୁମ ବିୟୋଗେ
ମ୍ରିୟମାଣ ବିଶ୍ୱବାସୀ ।
ଜୀବାନାଦର୍ଶନର ସୁଗନ୍ଧ
ବାଣ୍ଟି କସ୍ତୁରୀ ସମ
ବିଞ୍ଚି ଦେଇଗଲ ସୌରଭ
ଧନ୍ୟ ତୁମ ଜୀବନ ।
ବିଭୁପାଦେ ମିଳୁ ସ୍ଥାନଟିଏ
ହେଉ ଆତ୍ମାର ସଦ୍‌ଗତି
ପୁଣି ନିଶ୍ଚୟ ଫେରିବ
ତୁମ ପାଦେ ବିନତି ।

● **ଚୌଧୁରୀସାହି, ବାଲେଶ୍ୱର**
(ମୋ)୯୩୩୮୩୧୦୨୪୫

ଅବିସ୍ମରଣୀୟ

କୁଞ୍ଜ ବିହାରୀ ଧଳ

ମନୋଜାୟନର ଅନେକ ଗବାକ୍ଷ । ବିଶ୍ୱ ପରିକ୍ରମାରେ କକ୍ଷଚ୍ୟୁତି ଘଟି ନାହିଁ ତାଙ୍କ କଥା-ସାହିତ୍ୟର । ଅଥଚ ସେ ଆଜି ପ୍ରକୃତିର ନିୟମରେ ବନ୍ଧାହୋଇ; ଅବର୍ତ୍ତମାନ । ଏହି ଦୈହିକ ବିଲୟକୁ ବିଶ୍ୱାସ କରି ହେଉନି !

ଓଡ଼ିଆ ଗଳ୍ପ-ସାହିତ୍ୟର ପଟ୍ଟପରିବର୍ତ୍ତନ କରିଥିବା 'ଆରଣ୍ୟକ', ଓଡ଼ିଆ ଗଳ୍ପର ଧାରାକୁ ଭାଙ୍ଗି, ଏବେ ଯାଏ, ଆଉ ଏକ ନୂଆଧାରା ଓଡ଼ିଆ ସାହିତ୍ୟରେ ସୃଷ୍ଟି ହୋଇ ପାରିନାହିଁ । 'ଧୂମ୍ରାଭ ଦିଗନ୍ତ' ପରି ଭ୍ରମଣ କାହାଣୀ ମଧ୍ୟ ସାହିତ୍ୟ ପାଇଁ ନୂଆ । 'ଆବୁପୁରୁଷ', 'ଲକ୍ଷ୍ମୀର ଅଭିସାର' ଓ 'ଅମୃତଫଳ' ଓଡ଼ିଆ ଗଦ୍ୟ ସାହିତ୍ୟର ପୃଷ୍ଠପରିବର୍ତ୍ତନର ଆଲେଖ୍ୟ ।

କବି ମନୋଜ, ବିପ୍ଳବୀ ମନୋଜ ରୂପାନ୍ତରିତ ହୋଇଛନ୍ତି ଯୋଗୀ ମନୋଜ ଓ ବିଶ୍ୱବିଶ୍ରୁତ କଥାକାରରେ ।

ଦୁଃଖ ଓ ସମଗ୍ର ଭାରତ-ଜାତି ପ୍ରତି ଏହା ଅସମ୍ମାନ ଯେ, ଏହି ସର୍ବସମ୍ମତ କଥାକାରଙ୍କୁ ନୋବେଲ ପୁରସ୍କାର-ପାହାଚ ଚଢ଼ିବାକୁ ଦିଆଗଲାନି ।

ତାଙ୍କ ଆତ୍ମା ପ୍ରତି ମୋର ଗଭୀର ପ୍ରଣାମ ।

'ମାଟିର ମନୋଜ
ମାଟିରେ ମିଶିଲେ
ଅମର ରହିଲା କୃତି
କଥା ଆନକଥୁଁ ଛୁଟିବ ସୁରଭି
କେବଳ ଆପଣ ସ୍ମୃତି ।'

● **ବି.୧୦, ସଡ଼କ-୧୬**
ସେକ୍ଟର-୪, ଭିଲାଇ
ମୋ: ୯୪୩୯୮୩୨୩୮୭

ମୌନ ମୁହୂର୍ତ୍ତ

ପ୍ରୀତିଲେଖା ଦାସ

ଶେଷ ତାନ୍ତ୍ରିକର ସନ୍ଧାନ ପରେ
ତୁମକୁ ଏମିତି ଅବା
କେଉଁ ସନ୍ଧାନରେ
ବାହାରି ଯିବାକୁ ପୁଣି ଥିଲା ... ?

ଏଠି ତ
ସାଧକ, ତପସ୍ୱୀଙ୍କର ନାହିଁ ନ ଥିବା ଭିଡ ;
ହେଲେ,ଦେଇ ପାରିବ କିଏ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଘଡ଼ିସନ୍ଧି ମୁହୂର୍ତ୍ତର ସମୟ...

ବଜାୟ ରହିଛି କୋଭିଡ୍-୧୯ ବା କରୋନା ମହାମାରୀର ଭୟାବହ ଦ୍ୱିତୀୟ ଲହର। ସଂକ୍ରମଣର ସର୍ବଗ୍ରାସୀ ପଂଝାରୁ ମୁକ୍ତି ପାଇବା ନିମନ୍ତେ ସମଗ୍ର ଦେଶ ବ୍ୟାକୁଳ। ହେଲେ ନିକଟ ଭବିଷତ୍ୟରେ ଏଥିରୁ ମୁକୁଳିବାର ସମ୍ଭାବନା ଦେଖାଯାଉନାହିଁ। ଗତବର୍ଷ ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବ୍ୟାପି ଲକ୍‌ଡାଉନ୍ ଜାରି କରିଥିଲେ। ବର୍ତ୍ତମାନ କିନ୍ତୁ ସେ ନିର୍ଦ୍ଦିଷ୍ଟ ଅଂଚଳିଭିତ୍ତିକ ଲକଡାଉନ ସପକ୍ଷରେ କହୁଛନ୍ତି ଯେତେବେଳେ କି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ନିକଟରେ କେନ୍ଦ୍ର ସରକାରଙ୍କୁ ପୂର୍ବବର୍ଷ ଭଳି ଆଉ ଏକ ଦେଶବ୍ୟାପି ଲକ୍‌ଡାଉନ୍ ଜାରି କରିବା ସମ୍ବନ୍ଧରେ ବିଚାର କରିବାକୁ କହିଛନ୍ତି। କିନ୍ତୁ ଦ୍ୱିତୀୟ ଲହରର ଭୟାବହତାକୁ ଅର୍ଥାତ ସଂକ୍ରମିତଙ୍କ ସଂଖ୍ୟାରେ ପ୍ରତିଦିନ ବୃଦ୍ଧି ଘଟି ଚାଲିବା, ହସପିଟାଲରେ ଅକ୍ସିଜେନ୍, ଟିକା ଏବଂ ଜରୁରୀ ଔଷଧ ସହିତ ଶଯ୍ୟାର ଅଭାବ ଏବଂ ବିଧାନସଭା ନିର୍ବାଚନ ଓ ମହାକୁମ୍ଭ ମେଳାକୁ ସମ୍ପନ୍ନ କରାଇବା ନିମନ୍ତେ ସମୟର ଯେଉଁ ଅପଚୟ କରାଯାଇଛି ତଥା ସଂକ୍ରମଣକୁ ବ୍ୟାପିବା ପାଇଁ ଯେତିକି ସୁଯୋଗ ଦିଆଯାଇଛି, ସେସବକୁ ବିଚାର କଲେ ପ୍ରଶ୍ନଟିଏ ଜାଗ୍ରତ ହେବା ସ୍ୱାଭାବିକ ଯେ ଆଉ ଗୋଟିଏ ଦେଶବ୍ୟାପି ଲକ୍‌ଡାଉନ୍ କ'ଣ ସଂକ୍ରମଣକୁ ରୋକିବାରେ ସମର୍ଥ ହୋଇପାରିବ ? ଦିଲ୍ଲୀରେ ଦୁଇ ସପ୍ତାହ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଜାରି ହେଲା, କିନ୍ତୁ ସଂକ୍ରମଣର ହାର କମିବାରେ କୌଣସି ଉଲ୍ଲେଖନୀୟ ପ୍ରଗତି ଲକ୍ଷ୍ୟ କରାଗଲା ନାହିଁ। ଏବେ ଏହାକୁ ଆଉ ଗୋଟିଏ ସପ୍ତାହ ବଢ଼ାଇ ଦିଆଯାଇଛି। ସମୟ କହିବ, ଦୈନିକ ସଂକ୍ରମଣର ହାରରେ ଅବନତି ଘଟିବ। ପୁନଶ୍ଚ, ଯଦି ବି ସର୍ବୋଚ୍ଚ ଅଦାଲତଙ୍କ ପରାମର୍ଶ ଅନୁସାରେ ଦେଶବ୍ୟାପି ଲକ୍‌ଡାଉନ୍ ଜାରି କରାଯାଏ, ତା'ହେଲେ ସଂକ୍ରମଣର ଶୃଙ୍ଖଳକୁ ଏହା ଭାଙ୍ଗିବାରେ କେତେ ସମର୍ଥ ହେବ, ତାହା ଏକ ବିତର୍କର ବିଷୟ ପାଲଟିବାର ସମ୍ଭାବନା ରହିବ। କିନ୍ତୁ ନିଃସନ୍ଦେହରେ ଏଭଳି ଏକ ଲକ୍‌ଡାଉନ୍ ଯେ ସମ୍ପ୍ରତି ମହାମାରୀର ମହାମାଡ଼ରେ ଆକ୍ରାମାକ୍ରାନ୍ତ ହୋଇ ପଡ଼ିଥିବା ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ ଓ ନିମ୍ନବର୍ଗର ଲୋକମାନଙ୍କ ମୁଣ୍ଡରେ ବଜ୍ରପାତ ସଦୃଶ ହେବ, ତାହା କୁହାଯାଇପାରିବ। ଏଇ ଦ୍ୱିତୀୟ ଲହର ଆରମ୍ଭ ହେବାପରେ କେତେକ ରାଜ୍ୟ ଲକ୍‌ଡାଉନ୍ ଜାରି ନକରିବା ଆଗରୁ ମଧ୍ୟ ଏହାର ସମ୍ଭାବନାକୁ ନେଇ ଆତଙ୍କିତ ପ୍ରବାସୀ ଶ୍ରମିକମାନେ କିପରି କାମଧନ୍ଦା ହରାଇ ପ୍ରବାସରେ ଦୁଃଖ କଷ୍ଟ ଭୋଗିବା ଭୟରେ ନିଜ ନିଜ ଭିଟାମାଟିକୁ ପ୍ରତ୍ୟାବର୍ତ୍ତନ କରୁଥିଲେ, ତା'ର ଦୃଶ୍ୟ ତ ପ୍ରତ୍ୟକ୍ଷ କରାଯାଇ ସାରିଛି। ତେଣୁ ଆଉ ଏକ ଦେଶବ୍ୟାପି ଲକ୍‌ଡାଉନ୍ ଜାରି କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କୁ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ପଡ଼ିବ। ଅପରପକ୍ଷରେ ମହାମାରୀର ଏଇ ଦ୍ୱିତୀୟ ଲହର ପୂର୍ବ ମାସ ଭଳି ଆଗାମୀ କେତେ ସପ୍ତାହ ମଧ୍ୟରେ ଦେଶର ଅର୍ଥନୀତିକୁ ଯେ ପ୍ରଭୂତ କ୍ଷତି ପହଂଚାଇବାକୁ ଯାଉଛି, ଏଥିରେ କ୍ୱଚିତ୍ ସନ୍ଦେହ ରହିବ। ଯେ ପର୍ଯ୍ୟନ୍ତ ସଂକ୍ରମଣର ହାର ଉପରେ ଲଗାମ୍ ଲଗାଯାଇ ପାରିନାହିଁ, ସେ ପର୍ଯ୍ୟନ୍ତ ସାରା ଦେଶର ଅର୍ଥନୀତିକ କାର୍ଯ୍ୟକଳାପ ଅବଶ୍ୟ ସଂକୁଚିତ ହୋଇ ରହିବ। ସଂକ୍ରମଣକୁ ରୋକିବାକୁ ବିଭିନ୍ନ ରାଜ୍ୟରେ ସ୍ଥାନୀୟ ପ୍ରତିବନ୍ଧକମାନେ ଜାରି କରାଯାଇଛି। କିନ୍ତୁ ଏହା ଲୋକମାନଙ୍କ ମନରୁ ଭୟକୁ କଦାଚିତ୍ ଦୂର କରି ପାରିଛି, ଯେଉଁମାନେ କି ହେଉଛନ୍ତି ଉତ୍ପାଦକ ଏବଂ ଖାଉଟି ଭାବରେ ଅର୍ଥନୀତିର ଏଜେଂଟ ସମୂହ। ସ୍ୱାସ୍ଥ୍ୟ ସଙ୍କଟ ନ ଟଳିବା ପର୍ଯ୍ୟନ୍ତ ଲୋକଙ୍କ ମନରୁ ଭୟ ଦୂରହେବା ସହଜ ନୁହେଁ, ଆଉ ଯେ ପର୍ଯ୍ୟନ୍ତ ଭୟ ଦୂର ନହୋଇଛି, ଅର୍ଥନୀତିକ କାର୍ଯ୍ୟକଳାପଗୁଡ଼ିକ ସ୍ୱାଭାବିକ ହେବାର ସମ୍ଭାବନା କ୍ଷୀଣ। ଏହା ହିଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଏକ ନୂଆ ଅର୍ଥନୀତିକ ଯୋଜନା ପ୍ରସ୍ତୁତ କରିବାକୁ ବାଧ୍ୟ କରିବା ଏକ ସାଧାରଣ କଥା। ଚଳିତବର୍ଷର ପ୍ରଥମ ତ୍ରୈମାସିକ ଅବଧିରେ ଦେଶର ଅର୍ଥନୀତି ପ୍ରତି ଆଘାତ ପହଂଚିଥିବା ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ଅର୍ଥନୀତିକ ପୁନରୁଦ୍ଧାରକୁ ନେଇ ଯେଉଁ ଆଶାବାଦୀ ଭବିଷ୍ୟବାଣୀ କରାଯାଇଥିଲା, ତାହା ଏ ବର୍ଷ ସମ୍ଭବପର ହୋଇନପାରେ। ୨୦୨୧-୨୨ ଆର୍ଥିକ ବର୍ଷ ଆରମ୍ଭ ହେବାର ମାତ୍ର ଗୋଟିଏ ମାସ ଭିତରେ ସ୍ପଷ୍ଟ ହୋଇ ଆସିଲାଣି ଯେ କେନ୍ଦ୍ର ବଜେଟର ସଂଖ୍ୟାଗୁଡ଼ିକ ଅବଶ୍ୟ ଏପଟ ସେପଟ ହେବାକୁ ଯାଉଛି, ଟିକସ ରାଜସ୍ୱ ଆଦାୟ କମିବାକୁ ଯାଉଛି, ବ୍ୟୟଜନିତ ଆବଶ୍ୟକତା ବଢ଼ିବାକୁ ଯାଉଛି, ବିବାଦୀୟ ସାଂଗଠନିକ ସଂସ୍କାର ଆଣିବା କଷ୍ଟସାଧ୍ୟ ହେବାକୁ ଯାଉଛି ଏବଂ ପରିଶେଷର ସମାଜର ନିମ୍ନ ବର୍ଗର ଲୋକମାନଙ୍କ କଲ୍ୟାଣ ପାଇଁ ସରକାରଙ୍କ ଦାୟିତ୍ୱ ବଢ଼ିବାକୁ ଯାଉଛି। ତେଣୁ କେନ୍ଦ୍ର ସରକାରଙ୍କୁ ବର୍ତ୍ତମାନଠାରୁ ଏଥିପାଇଁ ସଜାଗ ହୋଇ ଗୋଟିଏ ପଟେ ଯେତେ ଶୀଘ୍ର ପାରେ ସେତେ ଶୀଘ୍ର ଟିକା ଅଭାବକୁ ଦୂର କରିବା ସହିତ ଅଧିକରୁ ଅଧିକ ସଂଖ୍ୟାରେ ଲୋକଙ୍କୁ ଟିକା ଦେବା ସଙ୍ଗେ ସଙ୍ଗେ ଅପରପ ପକ୍ଷେ ଦେଶ ପାଇଁ ଏକ ନୂଆ ଅର୍ଥନୀତିକ ନକ୍ସା ପ୍ରସ୍ତୁତ କରିବାକୁ ହେବ। ପରିସ୍ଥିତିର ଭୟାବହତା ଦୃଷ୍ଟିରୁ ଏହି ନୂତନ ଯୋଜନାରେ ନମନୀୟତା ରହିବା ସହିତ ଏହା ବାସ୍ତବବାଦୀ ଲକ୍ଷ୍ୟ, ନିର୍ଦ୍ଦିଷ୍ଟ ସମୟ ସୀମା ଏବଂ ସଂଖ୍ୟା ଉପରେ ଆଧାରିତ ହେବା ଆବଶ୍ୟକ।

ନନ୍ଦପୁଅ କି ନକଲା

ଅମରନାଥ ବାରିକ୍

ଶୁଣ ଲୋ ଲଳିତା ଶୁଣ ଲୋ ବିଶାଖା
ଏ ବଡ଼ ସରମ କଥା
ଶୁଣିଲେ ସଜନୀ ଯାହା ସେ କରିଛି
ଘୃରିଯିବ ତୁମ ମଥା ।

ନନ୍ଦପୁଅ କାହ୍ନା ବକଟେ ବାଳକ
ଅବୋଧରେ ତାକୁ ଗଣି
ଅଧ ରାତିଟାରେ ଘରେ ପଶି ମୋର
ଟାଣୁଥିଲା ମୋ ଓଢ଼ଣୀ।

ଯେତେ ବୁଝାଇଲେ ସିଏ କି ବୁଝିଲା
କରୁଥିଲା ତ ହେରାତି
ମୋ ପାଖେ ଗେରସ୍ତ
ଶୋଇଥିଲେ ବୋଲି
ଥରୁଥିଲା ମୋର ଛାତି।

ଟାଣି ଓଟାରି ମୋ ହାତକୁ ଓଠକୁ
କହିଲା ବିକଳ ହୋଇ
ଦିଅ ଫେରେଇ ମୋ ବଂଶୀ
ମୋତେ ସଖୀ
ତା' ବିନୁ ଗତି ମୋ ନାହିଁ।

ତୁମେ ଆସୁଥିଲ ଯମୁନା ତଟରୁ
କାଖରେ ଧରି କଳସୀ
ମୁଁ ଯେ ବସିଥିଲି କଦମ୍ବ ଡାଳରେ
ବଇଁଶି ମୋ ଗଳା ଖସି।

ଅଛି ସେ ତୁମର ପାଣି କଳସୀରେ
ଦିଅ ଆଣି ମୋତେ ବାରେ
ପାଇଗଲେ ମୋର ସୁନା ବଇଁଶିକୁ
ଚାଲିଯିବି ମୁହିଁ ଧିରେ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫



ବରେଣ୍ୟ ଦାସ

ଓଡ଼ିଶାରେ ବିଶ୍ୱକବି

ମେ ୯, ମସିହା ୧୯୩୯, ସ୍ଥାନ ଗଭର୍ମେଣ୍ଟ ପାର୍କ, ପୁରୀ। ହଜାର ହଜାର ମଣିଷଙ୍କ ସମାଗମ ହେଇଛି କେବଳ ତାଙ୍କୁ ଥରେ ଦେଖିବା ପାଇଁ, ତାଙ୍କର ଚରଣସ୍ପର୍ଶ ପାଇଁ। ଶ୍ରୀଜଗନ୍ନାଥ ମନ୍ଦିରର ପୁରୋହିତମାନେ ମଧ ସମବେତ ହେଇ ବିଶେଷ ପୂଜା-ଅର୍ଚ୍ଚନା ଏବଂ ମନ୍ତ୍ରୋଚ୍ଚାରଣ କରୁଛନ୍ତି ତାଙ୍କର ସୁସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ କାମନା କରି। ଚାରିପଟେ ଖୁସି ଓ ଉତ୍ସବର ବାତାବରଣ, କାରଣ ଆଜି ତାଙ୍କ ଜନ୍ମଦିନ ଏବଂ ଏହି ଶୁଭ ଦିନରେ ସ୍ୱୟଂ ସିଏ ଓଡ଼ିଶାର ଏହି ପୁଣ୍ୟଭୂମିରେ ଉପସ୍ଥିତ ରହିଛନ୍ତି। ଯାହାଙ୍କୁ ଦେଖିବା ପାଇଁ ଏତେ ଲୋକ ଭିଡ କରିଛନ୍ତି, ଏତେ ପୁରୋହିତମାନେ ପବିତ୍ର ମନ୍ତ୍ରଧ୍ୱନି ଦ୍ୱାରା ସେହି ସ୍ଥାନକୁ ଗୋଟିଏ ତୀର୍ଥଭୂମିରେ ପରିଣତ କରି ଦେଇଛନ୍ତି, ସିଏ ଆଉ କେହି ନୁହନ୍ତି, ସିଏ ସ୍ୱୟଂ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର।

ରବୀନ୍ଦ୍ରନାଥଙ୍କ ଜନ୍ମ ମେ ୭, ୧୮୬୧ ମସିହାରେ କଲିକତାର ବିଖ୍ୟାତ ଜୋଡ଼ାସାଁକୋ ଠାକୁର ପରିବାରରେ ହେଇଥିଲା। ବଙ୍ଗଳା କ୍ୟାଲେଣ୍ଡର ଅନୁଯାୟୀ ଦିନଟି ଥିଲା ୨୫ ବୈଶାଖ, ୧୨୬୮ ବଙ୍ଗାବ୍ଦ। ସେଇଥି ପାଇଁ ରବୀନ୍ଦ୍ରଜୟନ୍ତୀ ୨୫ ବୈଶାଖରେ ହିଁ ସର୍ବତ୍ର ପାଳନ କରାଯାଏ। କବିଗୁରୁ ତାଙ୍କର ୭୮ତମ ଜନ୍ମଦିନ ଏହି ଓଡ଼ିଶା ମାଟିରେ ହିଁ ବିତେଇଥିଲେ। ଅବଶ୍ୟ ପୁରୀରେ ତାଙ୍କ ଜନ୍ମଦିନର ଉତ୍ସବ ପାଳନ ତା ପୂର୍ବଦିନ, ମେ ୮ରୁ ହିଁ ଆରମ୍ଭ ହେଇ ଯାଇଥିଲା। ସେହି ଦିନ ପୁରୀର ସର୍କିଟ ହାଉସରେ କିଛି ମହିଳା ସମିତିଙ୍କ ପକ୍ଷରୁ କବିଙ୍କୁ ବିଶେଷ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ପର ଦିନ ତାଙ୍କ ଜନ୍ମୋତ୍ସବ ପାଳନର ଆୟୋଜନ ସ୍ଥାନୀୟ ସରକାରୀ ଉଦ୍ୟାନରେ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମମାନଙ୍କ ଦ୍ୱାରା ତାଙ୍କୁ ସମ୍ମାନ ଓ ଅଭ୍ୟର୍ଥନା ଦିଆ ଯାଇଥିଲା। ଓଡ଼ିଶାର 'ପ୍ରଧାନମନ୍ତ୍ରୀ' ବିଶ୍ୱନାଥ ଦାସ, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜ, ପଣ୍ଡିତ ରଘୁନାଥ ମିଶ୍ର, ପ୍ରଖ୍ୟାତ ଖ୍ରୀଷ୍ଟିଆନ ଧର୍ମଗୁରୁ ତଥା ସମାଜ ସଂସ୍କାରକ ଚାର୍ଲସ ଏଣ୍ଡ୍ରୁଜ୍, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଳା ଦେବୀ ପ୍ରମୁଖ ସେଠି ଉପସ୍ଥିତ ଥିଲେ ଏବଂ ବିଭିନ୍ନ ଉପହାର, ସଂସ୍କୃତ ଶ୍ଳୋକ ପାଠ, ତାଙ୍କ ରଚିତ କବିତା ପାଠ ଦ୍ୱାରା କବିଗୁରୁଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରିଶେଷରେ ରବୀନ୍ଦ୍ରନାଥ ସେହି ଦିନ ହିଁ ରଚିତ ଗୋଟିଏ କବିତା 'ଜନ୍ମଦିନ' ପାଠ କରି ସମସ୍ତଙ୍କୁ ଶୁଣାଇଲେ। କବିଙ୍କୁ ଯେ ବିଶ୍ୱବାସୀ କେବଳ ବିଶ୍ୱକବି ରୂପରେ ହିଁ ଚିହ୍ନିଲେ ଓ ଜାଣିଲେ,



ସମସ୍ତଙ୍କ ପରି ତାଙ୍କର ଭିତରସ୍ଥିତ ଈଶ୍ୱର ଓ ତାଙ୍କ ଅସୀମ ଅବଦାନ ଓ ବ୍ୟାପ୍ତି ଯେ ସମସ୍ତଙ୍କ ଦୃଷ୍ଟିଗୋଚର ହେଇ ପାରିଲେନି, ସେହି ଖେଦ ଏବଂ ଦୁଃଖ ତାଙ୍କ ରଚିତ ଏହି 'ଜନ୍ମଦିନ' କବିତାଟିରୁ ଜଣା ପଡ଼େ।

ସେତେବେଳକୁ କେବଳ ତିନି ବର୍ଷ ହେଇଥିଲା ଭାରତବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଗଠିତ ହେବାର। ଓଡ଼ିଶାର ଦ୍ୱିତୀୟ 'ପ୍ରଧାନମନ୍ତ୍ରୀ' ବିଶ୍ୱନାଥ ଦାସ ବିଶ୍ୱକବିଙ୍କୁ ନବଗଠିତ ଓଡ଼ିଶାର କଂଗ୍ରେସ ସରକାରଙ୍କ ବିଶେଷ ଅତିଥି ଭାବେ ଓଡ଼ିଶାକୁ ଆସିବା ପାଇଁ ପତ୍ର ଲେଖିଲେ। ତାଙ୍କ ନିମନ୍ତ୍ରଣକୁ ସ୍ୱୀକାର କରି ରବୀନ୍ଦ୍ରନାଥ ୧୯୩୯ ମସିହାର ୧୯ ଏପ୍ରିଲ୍ ତିନି ସପ୍ତାହ ପାଇଁ ପୁରୀ ଆସି ପହଞ୍ଚିଲେ। ପୁରୀର ସର୍କିଟ ହାଉସରେ ସରକାରଙ୍କ ବିଶେଷ ଅତିଥି ଭାବେ ତାଙ୍କ ରହିବା ସକାଶେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ସବୁ ବ୍ୟବସ୍ଥା କରିଥିଲେ। ଓଡ଼ିଶା ସରକାରଙ୍କ ଆତିଥ୍ୟ ଓ ଅଭ୍ୟର୍ଥନା କବିଙ୍କୁ ଯେ ବିଶେଷ ଭାବେ ପ୍ରଭାବିତ କରିଥିଲା, ପରେ ତାହା ତାଙ୍କର ଗୋଟିଏ ପତ୍ରରୁ ଜଣା ପଡ଼େ, ଯୋଉଥିରେ ସିଏ ଲେଖିଛନ୍ତି ଯେ ପୁରୀର ସମୁଦ୍ରକୂଳର ଶୁଶ୍ରୁଷା-ଶୀତଳ ପବନ ତାଙ୍କ ଦେହ ଓ ମନକୁ ଯେପରି ସ୍ପର୍ଶ କରିଛି, ତାହା ନବଗଠିତ ଓଡ଼ିଶା ସରକାରଙ୍କ ଆତିଥ୍ୟର ହିଁ ପ୍ରତୀକ। କେବଳ ସେଇୟା ହିଁ ନୁହଁ, ନୂଆ ଓଡ଼ିଶା ସରକାରଙ୍କ ସୁଶାସନ, ଜନଗଣଙ୍କ ପ୍ରତି ଦାଇତ୍ୱ ଏବଂ ବିଚକ୍ଷଣତା ଦ୍ୱାରା ମଧ କବି ବିଶେଷ ଭାବେ ମୁଗ୍ଧ ହେଇଥିଲେ।

ପୁରୀରେ ପହଞ୍ଚିବାର ତିନି ଦିନ ପରେ ବିଶ୍ୱକବି ଲେଖିଲେ 'ପ୍ରବାସୀ' ନାମକ ଗୋଟିଏ କବିତା। ସେତେବେଳେ ସୁଦୂର ଲାହୋରରେ କବିଙ୍କ ଜନ୍ମୋତ୍ସବ ପାଳନ ସକାଶେ ଉଦ୍ୟୋଗୀମାନଙ୍କ ତରଫରୁ ତାଙ୍କୁ ଗୋଟିଏ କବିତା ଲେଖି ପଠେଇବା ପାଇଁ ବିଶେଷ ଅନୁରୋଧ କରାଯାଇଥିଲା। ସେମାନଙ୍କ ଅନୁରୋଧକୁ ସମ୍ମାନ ଜଣାଇ ରବୀନ୍ଦ୍ରନାଥ କବିତାଟି ପଠେଇଲେ। ତଦାନିନ୍ତନ୍ ପଞ୍ଜାବ ପ୍ରଦେଶରେ ହିନ୍ଦୁ, ମୁସଲିମ ଏବଂ ଶିଖମାନଙ୍କ ଭିତରେ ଘଟୁଥିବା ହିଂସାକାଣ୍ଡ ତାଙ୍କୁ ବ୍ୟଥିତ କରିଥିଲା। ସେହି ବେଦନାର ପ୍ରତିଫଳନ 'ପ୍ରବାସୀ' କବିତାଟିରେ ଜଳଜଳ ହେଇ ଫୁଟି ଉଠିବାରେ ଦେଖା ଯାଏ। ସେଥିରେ କବିଗୁରୁ ସମସ୍ତଙ୍କୁ ନିଜ କ୍ଷୁଦ୍ର ସ୍ୱାର୍ଥର ଚାରିକାନ୍ଥ ଭିତରୁ ବାହାରି ବୃହତ୍ତର ଜଗତ ସହିତ ଏକାକାର ହେବା ପାଇଁ ଆହ୍ୱାନ ଜଣାଇଛନ୍ତି। ପୁରୀରେ ରହୁଥିବାବେଳେ ବିଶ୍ୱକବି 'ଏପାରେ ଓପାରେ' ଓ 'ଅତ୍ୟୁକ୍ତି' ନାମକ ଆଉ ଦୁଇଟି କବିତା ଲେଖିଥିଲେ। 'ଏପାରେ ଓପାରେ' କବିତାରେ ସିଏ ଅତ୍ୟନ୍ତ ବିନମ୍ରତା ସହିତ ପ୍ରକାଶ କରିଛନ୍ତି ତାଙ୍କ ନିଜଙ୍କ ଉଚ୍ଚପଦରୁ ଓହ୍ଲାଇ ଆସି ଗଙ୍ଗାସ୍ରୋତ ପରି ସର୍ବସାଧାରଣଙ୍କ ସହିତ ମିଶି ନଯାଇପାରିବାର ଆଫସୋସ୍। ବୋଧେ ବେଳେବେଳେ ଆଭିଜାତ୍ୟ ଯୋଗୁଁ ତାଙ୍କ ସାମାଜିକ ପଦମର୍ଯ୍ୟାଦା ଏବଂ ସାଧାରଣ ଜନଗଣଠାରୁ ଏହି ପଦମର୍ଯ୍ୟାଦା ବାବଦରେ ଦୂରତ୍ୱ, ତାଙ୍କୁ ସର୍ବସାଧାରଣଙ୍କ ଅଂଶ ହେଇ ପାରିବାରୁ ଦୂରେଇ ରଖୁଥିଲା ବୋଲି ସିଏ ମଣୁଥିଲେ। ଠାକୁର ପରିବାର ସହିତ ଓଡ଼ିଶାର ସମ୍ପର୍କ ବହୁ ବର୍ଷରୁ। ରବୀନ୍ଦ୍ରନାଥଙ୍କ ଜେଜେବାପା ପ୍ରିନ୍ସ ଦ୍ୱାରକାନାଥ ଠାକୁର ନିଜଙ୍କ ପାଳନକାରୀ ପିତା ତଥା ବଡବାପା ରାମଲୋଚନ ଠାକୁରଙ୍କ ୧୮୦୭ ମସିହାରେ ଦେହାବସାନ ପରେ ତାଙ୍କ ସମ୍ପତ୍ତି ଓ ଜମିଜମା ଉତ୍ତରାଧିକାରୀ ସୂତ୍ରରୁ ପାଇଲେ। ସେହି ଜମିଜମା ଭିତରେ ୬୦ ମୌଜା ଜମି ଥିଲା ବର୍ତ୍ତମାନ ଓଡ଼ିଶାର ଜଗତସିଂହପୁର ଜିଲ୍ଲାର ପାଣ୍ଡୁଆ ଓ ବାଲିଆ ଗାଁରେ। ଏଠି କହି ରଖିବା ଦରକାର ଯେ ସେ ଯୁଗରେ ଓଡ଼ିଶା ଥିଲା ତତ୍କାଳୀନ ଅବିଭକ୍ତ ବଂଗପ୍ରଦେଶର ଅନ୍ତର୍ଗତ। ୧୮୯୧ ମସିହାର ଅଗଷ୍ଟ ମାସ ଶେଷରେ ପାଣ୍ଡୁଆର ଜମିଦାରୀ ତଦାରକ କରିବା ସକାଶେ ତରୁଣ ରବୀନ୍ଦ୍ରନାଥ ସମ୍ଭବତଃ ପ୍ରଥମଥର ପାଇଁ ଓଡ଼ିଶାଭିମୁଖେ ଯାତ୍ରା କଲେ। ସେତେବେଳେ କଲିକତାରୁ କଟକ ପର୍ଯ୍ୟନ୍ତ ରେଳ-ଯୋଗାଯୋଗ ନଥିଲା। ଅତଏବ ତାଙ୍କୁ ଷ୍ଟିମାର ଯୋଗେ ଜଳପଥ ଦେଇ ଯାତ୍ରା କରିବାକୁ ପଡ଼ିଲା। ଷ୍ଟିମାର ଯାତ୍ରା ଯେ ବହୁତ୍ କଷ୍ଟକର ଥିଲା, ସେଇଟା ତାଙ୍କ ଲେଖା ଗୋଟିଏ ପତ୍ରରୁ ଜଣା ପଡ଼େ। କଟକରେ ପହଞ୍ଚି ଗୋଟିଏ ଦିନ ରହି, ପର ଦିନ ସିଏ ପାଣ୍ଡୁଆ ଆସି ପହଞ୍ଚିଲେ। ପାଣ୍ଡୁଆର ପ୍ରାକୃତିକ ସୌନ୍ଦର୍ଯ୍ୟ କବିଙ୍କୁ ବିମୁଗ୍ଧ କରିଥିଲା। ଅବସର ସମୟରେ ସେଠି ନିଜଙ୍କ କୋଠାଘର ଏବଂ ତାଙ୍କ ପ୍ରିୟ ଗୋଟିଏ ବଉଳ ବୃକ୍ଷ ତଳେ ବସି ସିଏ ଉପଭୋଗ କରୁଥିଲେ ସେଠାକାର ନିର୍ଜନ ଓ ମନୋରମ ପରିବେଶ। ଏଠି ହିଁ ରବୀନ୍ଦ୍ରନାଥ ରଚନା କଲେ ତାଙ୍କ ବିଖ୍ୟାତ ନାଟ୍ୟକାବ୍ୟ 'ଚିତ୍ରାଂଗଦା'ର ପ୍ରଥମ ଖସଡ଼ା, ଯାହା 'ମହାଭାରତ' କାବ୍ୟଗ୍ରନ୍ଥର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚରିତ୍ର ଚିତ୍ରାଂଗଦା ଓ ଅର୍ଜୁନଙ୍କ ଉପରେ ରଚିତ। ତାଙ୍କ ଗୋଟିଏ ଚିଠିରେ 'ଚିତ୍ରାଂଗଦା' ରଚନା ନେଇ ସିଏ ଯାହା ଲେଖିଛନ୍ତି ତାର ଓଡ଼ିଆ ଅନୁବାଦ କିଛିଟା ଏମିତି - 'ଏଇ କାହିନୀର କିଛି ରୂପାନ୍ତର ମୋ ମନରେ ଅନେକ ଦିନ ଧରି ପ୍ରଚ୍ଛନ୍ନ ଥିଲା। ଅବଶେଷରେ ଲେଖିବାର ଆନନ୍ଦ ଅବକାଶ ମିଳିଲା ଓଡ଼ିଶାର ପାଣ୍ଡୁଆ ବୋଲି ଗୋଟିଏ ନିଭୃତ ପଲ୍ଲୀକୁ ଯାଇ।'

ଯାର ଦେଢ଼ ବର୍ଷ ପରେ ରବୀନ୍ଦ୍ରନାଥ ଆଉ ଥରେ ପୁଣି ଜମିଦାରୀ ବୁଝାଶୁଝା ପାଇଁ ଓଡ଼ିଶାକୁ ଆସିଥିଲେ ୧୮୯୩ ମସିହାର ଫେବୃଆରୀ ମାସରେ। ଏଥର ତାଙ୍କ ସହିତ ଆସିଥିଲେ ତାଙ୍କ ପୁତୁରା ବଲେନ୍ଦ୍ରଣାଥ ଠାକୁର। ସେମାନେ ପ୍ରଥମେ କଟକକୁ ଯାଇ ସେଠାକାର ଡିଷ୍ଟ୍ରିକ୍ଟ ଜଜ୍ ବିହାରିଲାଲ ଗୁପ୍ତଙ୍କ ଘରେ ରହିଲେ। ବିହାରିଲାଲ ସହିତ ରବୀନ୍ଦ୍ରନାଥଙ୍କ ପରିଚୟ ଦୀର୍ଘଦିନରୁ। ତାଙ୍କ ସ୍ତ୍ରୀ ମୃଣାଳିନୀ ଦେବୀଙ୍କୁ ଲେଖା ଗୋଟିଏ ପତ୍ରରେ ସିଏ ଲେଖିଛନ୍ତି ଯେ କିପରି ବିହାରିଲାଲ ବାବୁ ସେମାନଙ୍କୁ ଆଦର-ଯତ୍ନ ସହକାରରେ ତାଙ୍କ ଘରେ ରଖିଥିଲେ। ଏଠି ଗୋଟିଏ ଘଟଣା।

ଡକ୍ଟର ନାରାୟଣ ମହାନ୍ତି

ପ୍ରଫେସର ପତିତପାବନ ବାନାର୍ଜୀ : ଏକ ଶ୍ରଦ୍ଧାଞ୍ଜଳି

ରେଭେନ୍‌ସା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗର ପୂର୍ବତନ ଭିଜିଟିଂ ପ୍ରଫେସର ଡକ୍ଟର ପତିତପାବନ ବାନାର୍ଜୀ ଆଉ ନାହାନ୍ତି। ଗତ ୨୭ ତାରିଖ ପ୍ରତ୍ୟୁଷରେ କଟକ ସହରର ସାର୍ତ୍ତୋଳସ୍ଥିତ ବାସଭବନରେ ତ

ମନୋଜ ଦାସ ସ୍ମରଣୀୟେଷୁ

ଆବିର୍ଭାବ: ୨୭ ଫେବୃଆରୀ ୧୯୩୪
ତିରୋଧାନ: ୨୭ ଅପ୍ରେଲ ୨୦୨୧

ବାଲେଶ୍ୱର ଜିଲ୍ଲାର ଶଙ୍ଖାରି ଗ୍ରାମଠାରେ ୧୯୩୪ ମସିହା ଫେବୃଆରୀ ୨୭ ତାରିଖଦିନ ଗୋଟିଏ ସଂଭ୍ରାନ୍ତ ପରିବାରରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ ମନୋଜ ଦାସ । ସେ ହେଉଛନ୍ତି ପ୍ରାକ୍ ସ୍ୱାଧୀନତା ପରବର୍ତ୍ତୀ କଥା ସାହିତ୍ୟର ଅମ୍ଳାନ ପ୍ରତିଭା, ଯଶସ୍ୱୀ କଥାକାର । । କିଏ କହେ ତାଙ୍କୁ ସାରସ୍ୱତ ଜଗତର ବେତାବୀ ବାଦଶାହା, ଆଉ କିଏ କହେ ସୃଜନଶୀଳତାର 'ମହାନାୟକ' ତ ପୁଣି କିଏ କହେ ଆଧୁନିକ ଯୁଗର 'ବିଷ୍ଣୁ ଶର୍ମା' । ଓଡିଶାର ଦ୍ୱିଭାଷିକ ଲେଖକ ଭାବେ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲେ ମନୋଜ ଦାସ । ମିଥ୍ ଓ କିମ୍ବଦନ୍ତୀର ମିଶ୍ରଣ ଘଟିଥିଲା ତାଙ୍କ ସାହିତ୍ୟରେ । ନାଟକୀୟ ଶୈଳୀ ଓ ରହସ୍ୟବାଦ ସୃଷ୍ଟି କରିବାରେ ସେ ଜଣେ ଅଭିନବ ସ୍ରଷ୍ଟା । ତାଙ୍କ ଗଳ୍ପରେ ରାଜା, ମହାରାଜା, ଜମିଦାରଙ୍କ ଠୁଁ ଆରମ୍ଭ କରି ଯକ୍ଷ, କିନ୍ନର, ପଶୁପକ୍ଷୀ ଆଦି ଚରିତ୍ର ହୋଇ ପାରନ୍ତି । ସବୁଠାରୁ ବିସ୍ମୟର କଥା ହେଲା ଆଧୁନିକ ଗଳ୍ପର ଯେଉଁ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଛି ସେସବୁ ଠାରୁ ବହୁ ଦୂରରେ ତାଙ୍କ ଗଳ୍ପ ରଚନାର କାନ୍‌ଭାସ୍ ।ତାଙ୍କ ଅବର୍ତ୍ତମାନରେ ଆମେ ହରେଇଛୁ ଆମର ଜଣେ ପରମ ହିତୈଷୀଙ୍କୁ । ତାଙ୍କର ଏକାଦଶାହ ଉପଲକ୍ଷେ ଆମର ଏହି ସ୍ୱତନ୍ତ୍ର ଫର୍ଦ୍ଦ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ତାଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ହେଉ, ଆମର ଏତିକି କାମନା ।

– ଧ୍ୱନି ପ୍ରତିଧ୍ୱନି ପରିବାର

ଆ 'ରେ ଅବୋଲ ଯିବା ଶଙ୍ଖାରିକୁ

ହରିଶ୍ଚନ୍ଦ୍ର ବେହେରା

ଆ'ରେ ଅବୋଲ ଯିବା ଶଙ୍ଖାରିକୁ
କହିବା ଗୋଟିଏ କଥା
ସମୁଦ୍ର କୂଳିଆ ଗାଁ' ଟି ଏ ସେତ
ଆକାଶେ ଛୁଇଁଛି ମଥା ।୦।

କିଏ ଲିଭେଇଲା ବତୀଘର ପରେ
ଦିଗବାରେଣିର ଦୀପ
କିଏ ଶୁଣେଇବ କହରେ ଅବୋଲ
'ମନୋଜ ଦାସଙ୍କ ଗଳ୍ପ''
'ଅମୃତ ଫଳ'ରେ ରାଜା ଭର୍ତ୍ତୃହରି
ବୈରାଗ୍ୟ ଜୀବନ ଗାଥା ।୧।

'ସମୁଦ୍ର କ୍ଷୁଧା'ରେ ବିଦେଶୀ ଧର୍ଷଣ
'ଶତାବ୍ଦୀର ଆର୍ତ୍ତନାଦ'
'ନନ୍ଦାବତୀର ମାଟି' କାହିଁ ଗଲା
ଫିକା 'ଜୀବନର ସ୍ୱାଦ'
'ବିପ୍ଳବୀ ଫକୀର ମୋହନ' ଲୁହରେ
ଭିଜିଗଲା ଆଖିପତା ।୨।

ସରିଯାଇଅଛି ସବୁଦିନ ଲାଗି
'ଲକ୍ଷ୍ମୀର ଅଭିସାର'
'ଆକାଶୁ ଇସାରା' ଆସିବନି ଆଉ
'ଚନ୍ଦ୍ରଲୋକ ପ୍ରହରୀ'ର
'ପ୍ରଭଞ୍ଜନ' ଆସି ସବୁ ଉଜାଡ଼ିଲା
ଅନ୍ତରେ ଭରିଲା ବ୍ୟଥା । ୩।

'ଦୂର ଦୁରାନ୍ତରୁ ଶୁଭିବନି ଆଉ
ଦେଶ ବିଦେଶର କଥା
'ବିଷ କନ୍ୟାର କାହାଣୀ' ଭିତରୁ
'ଅରଣ୍ୟ ଉଲ୍ଲାସ' ଗୀତା
'ଧୂମ୍ରାଭ ଦିଗନ୍ତ ବିପୁଳାଶ୍ଚ ପୃଥ୍ୱୀ'
କଥା କାହାଣୀର ଗାଥା ।୪।

(ମନୋଜ ଦାସଙ୍କ ଅକାଳ ତିରୋଧାନ(୨୭.୦୪.୨୦୨୧) ରେ ତାଙ୍କୁ କବିତା ଟି ସମର୍ପିତ)

● କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୧୩୭୦୮

ତା'ପରି ନୋହିବ କିଏ

ଇଂ. ସରୋଜ କୁମାର ଦାଶ

ଶଙ୍ଖାରୀ ଗାଆଁର
ଟିକି ପିଲାଟିଏ
ରଖିଲା ମାଟିର ଟେକ
ଦୁଃଖର କାରଣ
ଖୋଜୁଖୋଜୁ ଶେଷେ
ବନିଗଲା ଦାର୍ଶନିକ ।

ବାଛିନେଲା ସିଏ
ସାଧନାର ପୀଠ
ଶ୍ରୀ ଅରବିନ୍ଦ ଆଶ୍ରମ
ଓଡିଶାରୁ ଯାଇ
ପୁଡୁଚେରୀ ଗଲା
ଅର୍ଜିଲା ବିଶ୍ୱରେ ନାମ ।

କହିଥିଲା ସିଏ
ନିଜ ନିଜ ମଧ୍ୟେ
ସନ୍ଦେହ ଦିଏ ଅଶାନ୍ତି
ଚେତନା ସ୍ତର ର
ଉତ୍ତରଣ ଆଣେ
ଦୁଃଖ ଓ ଶୋକରୁ ମୁକ୍ତି ।

ସୂର୍ଯ୍ୟ ଅସ୍ତ ଗଲେ
ଆର୍ଯ୍ୟ ଆକାଶରୁ
ଚଇତ୍ର ପୂର୍ଣ୍ଣମୀ ଦିନ
ତାଙ୍କ ସାଥେ ଗଲା
ସୃଜନ ପୁରୁଷ
ଦୁଃଖରେ କରି ଆଚ୍ଛନ୍ନ ।

ଭାଷାରେ ବ୍ୟୁତ୍ପତ୍ତି
ଲେଖାରେ ସ୍ୱୀକୃତି
ପ୍ରଜ୍ଞା ର ପୁରୁଷ ସିଏ
ଛାଡି ଚାଲିଗଲା
ଅଫେରା ରାଇଜ
ତା'ପରି ନୋହିବ କିଏ !

● ଘାଟିକିଆ, ଭୁବନେଶ୍ୱର
ମୋ :୯୪୩୯୮୩୩୪୬୫

ଅନ୍ତରଙ୍ଗ ପାଠକ

ଅରୁଣ କୁମାର ସାହୁ

ଆଚାର୍ଯ୍ୟ ଭବଭୂତି କହିଥିଲେ ନା ଥରେ
ଲେଖକ ତା' ପାଇଁ ଲେଖେନାହିଁ କେବେ
ଲେଖାଟିର ଆଡୁଆଳେ ଚାଲିଯାଏ ଯିଏ ।
ଲେଖକ ଲେଖେ ହୁଏତ ସେ ଅନାଗତ ପାଇଁ
ଯିଏ ଅଛି ଅବା ଦିନେ ଅବଶ୍ୟ ଆସିବ
ଏ ଅନନ୍ତ କାଳ ଖଣ୍ଡ ମଧ୍ୟେ
ହଜାର ହଜାର ବର୍ଷ ପରେ କେବେ ତ ଆସିବ
କେହି ଜଣେ ପାଠକ ତ ନିଶ୍ଚୟ ଆସିବ
ବେରିଙ୍ଗ ଚିଠିର ମୂଲ୍ୟ ଦେଇ
ଯିଏ ତା'ର ଲେଖାକୁ ପଢ଼ି
ନିଜ ଭାବରେ ତା'ର ମୂଲ୍ୟାଙ୍କନ କରି
ବୁଝିବ ସେ ତା' ଭାବର ଗମ୍ଭୀରା ଭିତରେ
ତଟସ୍ଥ ସମୟକୁ ପଚାରି ପଚାରି ।

ପାଠକଙ୍କୁ ଏଡ଼ାଇଯାଇ ଲେଖୁଥିବା ଲେଖକ ତ
ବଜାରରେ ସାଲୁବାଲୁ ଏବେ
ସେ ଲେଖକ ନାୟକ ରୂପେ ସଜାଇ ନିଜକୁ
ଅଣନାୟକ କହି ପାଠକକୁ ଅବହେଳା କରେ
ପାଠକଟି ମରିଯାଏ ଲେଖକର ଅହଂକାରିତାରେ
ସେ ଲେଖା ବି ପଚିଯାଏ ମରିଯାଏ
ବାସି କାଗଜ ଭଳି ପର ତାରିଖରେ
ଲେଖକଟି ବଞ୍ଚିରହେ ପୁରସ୍କାର ପାଇଁ
ସିଏ ପୁଣି ବଞ୍ଚିଚାଲେ ସାହିତ୍ୟରେ
ଯୋଗାଡ଼ ବନାଇ ।

ଆପଣ ତ ମନୋଜ ସାର୍
ଅଲଗା ଦୁନିଆର ନିଆରା ଲେଖକ
ନିଜ ପାଇଁ ଅଣନାୟକର ବେଶ ବାଛିନେଇ
ପାଠକଙ୍କୁ ଦେଇଛନ୍ତି ନାୟକର ରୂପ ।
ତେଣୁ ତ ମନୋଜଙ୍କ ପାଠକଚକ୍ର
ପୂରି ରହିଛି ସବୁ
ଗ୍ରାମ ନଗର ଓ ଓଡ଼ିଶାର କୋଣେ ଅନୁକୋଣେ
ଏବଂ ଭାରତ ଓ ବିଦେଶ ମାଟିରେ ବି
ବଞ୍ଚିରହିଛି ମନୋଜଙ୍କ ଚିତ୍ରପଟ କଥା ଓ କାହାଣୀ
ସାମୂହିକ ବୌଦ୍ଧିକତାର ବାତାବରଣରେ ।

ତୁମ ପାଠକମାନେ ବି ବାରି ପଢ଼ନ୍ତି ସେମାନଙ୍କ
ସାଧାରଣ ଜୀବନ ଶୈଳୀର ଧାଆଁଦୌଡ଼
ଏବଂ ନିଜନିଜ ଇଲାକାର ପରିଧି ମଧ୍ୟସ୍ଥ
ତୁଚ୍ଛା ସ୍ଥୁଳ ଯେତେ ଗତାନୁଗତିକତାରେ ।
ସାମ୍ରାଜ୍ୟର ରାଜପୁରୋହିତ ପରି
ସେମାନେ ବି ଫାଟି ପଡ଼ନ୍ତି ଏକ
ମୁଗ୍ଧ ପାଠକର ଶୁଦ୍ଧ ଅହଂକାରେ
ଛୋଟ ଏକ ସାମାଜିକ ପ୍ରତିଷ୍ଠା ବି
ସେମାନଙ୍କ ଜୀବନରେ ଯୋଡ଼ି ହୋଇଯାଏ
ମନୋଜ ସାହିତ୍ୟର ପାଠକ ରୂପରେ
ମନୋଜ ମନସ୍କତାର ଅନ୍ତରଙ୍ଗତାରେ ।

ତୁମ ପାଠକ ବି ତୁମ ବହି ସାଇତି ରଖେ
ଗୀତା କୋରାନ୍ ଓ ବାଇବେଲ ପରି
ତୁମ ପାଠକ ବି ବାରମ୍ବାର
ସେଇ ଏକା ଲେଖା ପଢ଼େ
ପାଠକୀୟ ଆନନ୍ଦରେ ପ୍ରାଣ ଭରିଭରି ।
ସେ ତୁମର ସବୁ ଶବ୍ଦ ଜାଣେ
ଜାଣେ ବି ତୁମର
ଅନ୍ତରଙ୍ଗ ଭାବ ଏବଂ ଭାଷା ।
କିଛି ବି ହେଲେ କିଛି ଅବାସ୍ତବ ନାହିଁ
ତୁମେ ତ ଜାଣନାହିଁ ହେ ମୋର ପ୍ରିୟ ଲେଖକ
ତୁମ ଅକ୍ଷର ଅବା ଶବ୍ଦଟିଏ ପାଇଁ
ପାଠକଟେ ରଖିପାରେ କେତେ ଯେ ଭରସା ।
ତୁମ ପାଠକ ତୁମ ସାହିତ୍ୟରେ
ନାରୀ ଖୋଜେ ନାହିଁ
ଖୋଜୁଥାଏ ମାତୃତ୍ୱର ସ୍ନିଗ୍ଧ କଳେବର
ଖଳନାୟକ ବି କ୍ୱଚିତ୍ ମିଳନ୍ତି
ସେମାନେ ବି ପ୍ରତିଫଳିତ ନାୟକ ରୂପର ।
ତୁମ ଗଳ୍ପର ଶିଶୁମାନେ ଅମୃତର ନିରୁତା ସନ୍ତାନ
ଲକ୍ଷ୍ମୀ ଲିଲି ରୀନା ଭଳି କୁନି କୁନି ଝିଅମାନେ
ତୁମ ଗଳ୍ପରେ ତ ପ୍ରଚଣ୍ଡ ଚରିତ୍ର
ସେମାନେ ବି ମାତୃତ୍ୱର ସହଜାତ
ସ୍ନେହ ସ୍ନିଗ୍ଧ ପ୍ରେମ ନିର୍ଝରଣ ।

ତୁମ ଗଳ୍ପ ବି ପ୍ରଚୁର ପ୍ରେମ ଦେଇଛି
ବାର୍ଦ୍ଧକ୍ୟର ଉପକୂଳେ ଜହ୍ନର ସେତୁରେ
ବିଚ୍ଛେଦର କେତେକେତେ ଅଙ୍କ ଅଛି
ପ୍ରଚୁର ମୃତ୍ୟୁ ମଧ୍ୟରେ ବଞ୍ଚିଥିବା
ଜଗତବନ୍ଧୁଙ୍କର ଏକଲା ପଣରେ ।

ଅଣ ବିଷଧର ସର୍ପ ସଂଘ ଶୃଗାଳ ପୁଙ୍ଗବ ଠାରୁ
ଉତ୍ତୀୟମାନ କଇଁଛ ଗୁଣ୍ଡୁଚି ଓ
କେତେକେତେ ଚରିତ୍ର ଭରିରହିଛି
ପଶୁପକ୍ଷୀ ଏବଂ ବୃକ୍ଷଙ୍କର ଅନ୍ତରଙ୍ଗତାରେ
ଲୁଲୁର୍ଭା ଅରଣ୍ୟ ନିଜନପୁରେ ବି
ତୁମ ସର୍ଜନାର ଶବ୍ଦ
ପୂରି ରହିଛି ପ୍ରତି ପାଠକର ମାନସ ପଟ୍ଟରେ ।
ଅନ୍ତରଙ୍ଗ ଭାରତର କଥା ବି କହିଛ
ଏବଂ ଐତିହ୍ୟର ରାଶିରାଶି କଥା
ତୁମ ପାଠକ ବି ନିଜେ ନିଜେ ଅନୁଭବ କରେ
ସେମାନଙ୍କ ପାଇଁ ଲେଖିଥିଲ ତୁମେ ଯେଉଁ
ତୁମ ଗାଆଁ ଏବଂ ଅନ୍ୟାନ୍ୟ କବିତା ।

ଲେଖକ କି ବଞ୍ଚିରହେ କେବେ
ଉପାଧିର ଭିଡ଼ ଏବଂ ଫୁଲର ମାଳାରେ
ଲେଖକ ବି ମନେ ରହେ ନାହିଁ
ପ୍ରତିମୂର୍ତ୍ତି ଅବା ତା'ର ଜୟନ୍ତୀ ମେଳାରେ ।
ସେ ତ ଚିରଦିନ ମନେରହେ
ତା'ର ପ୍ରିୟ ପାଠକର ଅନ୍ତରଙ୍ଗତାରେ
ଏବଂ କିଛି ଶବ୍ଦ ଅବା
ବାକ୍ୟ ତା'ର ପ୍ରିୟ ଲେଖକର
ଯାହା ଲେଖା ହୋଇ ରହିଯାଏ
ପାଠକ ହୃଦୟର କେଉଁ ଏକ ସରଳ କୋଣରେ

(ମନୋଜ ଦାସଙ୍କ ଉପରେ ଲେଖାଥିବ ୨୬ଟି ମନୋଜ୍ଞ କବିତାର ସମାହାର 'ବାକିଥିବା ପାଦଚିହ୍ନ ପୁସ୍ତକରେ ପ୍ରକାଶିତ)

● ଡିଜିଏମ୍, ନାଲ୍‌କୋ
(ମୋ) ୯୪୩୭୧୫୫୬୧୭

ମନୋଜ୍ଞ ମନୋଜ ଦାସଙ୍କୁ ନେଇ ଦୁଇଗୋଟି ଅଭୁଲା ସ୍ମୃତି

କାଳୀପଦ ପଣ୍ଡା

ପ୍ରିୟ ଲେଖକ ପୂଜ୍ୟ ମନୋଜ ଦାସଙ୍କୁ ନେଇ ମୋ ଜୀବନରେ ଯେଉଁ କେତେଗୋଟି ଅଭୁଲା ସ୍ମୃତି ରହିଛି ତନ୍ମଧ୍ୟରୁ ଦୁଇଗୋଟି ସ୍ମୃତିକୁ କେବେ ଭୁଲି ପାରିବି ନାହିଁ ।

ପ୍ରଥମ ସ୍ମୃତିଟି ୨୦୧୭ମସିହାରେ ଯେତେବେଳେ ତାଙ୍କର ଅର୍ଦ୍ଧଶତାବ୍ଦୀର ସାରସ୍ୱତ ବନ୍ଧୁ କବି ବ୍ରଜନାଥ ରଥଙ୍କ ସ୍ମୃତିରେ ଗଠିତ ଟ୍ରଷ୍ଟ ପକ୍ଷରୁ ପ୍ରଥମ ବ୍ରଜନାଥ ରଥ ସାରସ୍ୱତ ସମ୍ମାନ ଶ୍ରୀଯୁକ୍ତ ଦାସଙ୍କୁ ଅର୍ପଣ ପାଇଁ ଆମ୍ଭେ ନିଷ୍ପତ୍ତି ଗ୍ରହଣକଲୁ ଏବଂ ତାଙ୍କୁ ସବିନୟ ନମ୍ର ନିବେଦନ ରଖିଲୁ ତାହାକୁ ସେ ଆନନ୍ଦରେ ଗ୍ରହଣ କରିବାକୁ ସମ୍ମତି ପ୍ରଦାନ କରିଥିଲେ । ଆଉ ସେହି ବର୍ଷ ଫକୀରମୋହନଙ୍କ ୧୭୫ତମ ଜୟନ୍ତୀ ଉତ୍ସବ ପଡୁଥିବାରୁ ତଥା ଫକୀରମୋହନ ସାହିତ୍ୟ ପରିଷଦର ପ୍ଲାଟିନମ୍ ଜୁବ୍‌ଲି ସମାରୋହ ଉଦ୍‌ଘାଟନ ହେବାକୁ ଥିବାରୁ ଏହାର ସୁଯୋଗ ଆମ୍ଭେ ସେତେବେଳର ସାହିତ୍ୟ ପରିଷଦର କର୍ମକର୍ତ୍ତାମାନେ ନେବାକୁ ଚାହିଁ ଶ୍ରୀଯୁକ୍ତ ଦାସଙ୍କୁ ଅନୁରୋଧ ଜଣାଇଥିଲୁ । ସାର୍ ମଧ୍ୟ ଏହା ତ ମୋ ପାଇଁ ଏକ ଦୁର୍ଲଭ ସୁଯୋଗ ବୋଲି କହି ସମ୍ମତି ପ୍ରଦାନ କଲେ । ୧୨, ଜାନୁଆରୀ ୨୦୧୭ ସନ୍ଧ୍ୟାରେ ବାଲେଶ୍ୱର ସହରସ୍ଥ ଭେନିଆ ପାରାଡାଇଜ୍‌ରେ ପାଞ୍ଚଶହରୁ ଊର୍ଦ୍ଧ୍ୱ ମନୋଜ ପ୍ରେମୀ ଲେଖକ ଓ ସାଧାରଣଜନତାଙ୍କ ଉପସ୍ଥିତିରେ ଶ୍ରୀଯୁକ୍ତ ଦାସ୍ ଏହି ସମ୍ମାନ ଗ୍ରହଣ କଲାବେଳେ ମଞ୍ଚରେ ପ୍ରଫେସର୍ ଡ.ନିବେଦିତା ମହାନ୍ତି, ଟ୍ରଷ୍ଟର ଅଧ୍ୟକ୍ଷା ପୁଷ୍ପଲତା ଦେବୀଙ୍କ ସହ ମୁଁ ଶ୍ରୀଯୁକ୍ତ ଦାସଙ୍କ ସାଥିରେ ମଞ୍ଚାସୀନ ରହିଥିଲୁ । ଆଉ ସେଦିନର ପ୍ରାରମ୍ଭିକ ବକ୍ତବ୍ୟ ଟ୍ରଷ୍ଟ ଓ ସମ୍ମାନ ପ୍ରଦାନ ସମ୍ପର୍କରେ ମୋର ରଖିବାକୁ ଥିବାରୁ ମୁଁ ନିଜକୁ ଖୁବ୍ ସଂଯତ ଭାବରେ ଯେଉଁ କେତେକ କଥା କହିଥିଲି ତାହାକୁ ଶ୍ରୀଯୁକ୍ତ ଦାସ ଅତି ଆଗ୍ରହର ସହ ଶୁଣିବା ସହ ମୋତେ ତାଙ୍କର ଶୁଭାଶିଷ ବଚନ ପ୍ରଦାନ କରିଥିଲେ । ୧୪ତାରିଖ ସନ୍ଧ୍ୟାକୁ ସାହିତ୍ୟ ପରିଷଦର ପ୍ଲାଟିନମ୍ ଜୁବୁଲି ଓ ଫକୀରମୋହନଙ୍କ ୧୭୫ତମ ଜୟନ୍ତୀ ଉଦ୍‌ଘାଟନ ଅବସରରେ ପ୍ରଦୀପ ପ୍ରଜ୍ୱଳନ ବେଳେ ପରିଷଦର ଅନ୍ୟ କର୍ମକର୍ତ୍ତାଙ୍କ ସହ ମୁଁ ଯୁଗ୍ମସମ୍ପାଦକ ଥିବାରୁ ସାର୍‌ଙ୍କ ପାଖରେ ଉପସ୍ଥିତ ରହି ଯେଉଁ ଅବର୍ଣ୍ଣନୀୟ ପୁଲକ ପାଇପାରିଥିଲି ତାହା ଆଜି ସ୍ମୃତିର ଗନ୍ତାଘରେ ଅମୂଲ୍ୟ ନିଧି ହୋଇ ସାଇତା ରହିଛି । ସେହି ଫଟୋଚିତ୍ର ଦେଖିଲେ ମୁଁ ଆନନ୍ଦରେ ଅଧୀର ହୋଇପଡ଼େ ।

ଦ୍ୱିତୀୟ ସ୍ମୃତିଟି ହେଲା, କେନ୍ଦ୍ରସାହିତ୍ୟ ଏକାଡ଼େମୀର ନିୟୁ ଭଏସ୍ ନାମକ ଏକ ଦୁଇଦିନିଆ ସଂପାନ ଭୁବନେଶ୍ୱରସ୍ଥିତ ସ୍ୱସ୍ତିପ୍ଲାଜାରେ ସେ ବର୍ଷ ଆୟୋଜନ ହୋଇଥାଏ । ତାହାକୁ ଉଦ୍‌ଘାଟନ କରିବାକୁ ନିମନ୍ତ୍ରିତ ହୋଇଥାନ୍ତି ସମ୍ମାନନୀୟ ମନୋଜ ଦାସ ମହୋଦୟ । ସେହି କାର୍ଯ୍ୟକ୍ରମର ଏକ ଅଧିବେଶନରେ କବି ବ୍ରଜନାଥ ରଥ ପୌରୋହିତ୍ୟ କରିବାର ଧାର୍ଯ୍ୟ ହୋଇଥିଲା । ମୁଁ ତ ବ୍ରଜନାଥ ରଥଙ୍କ ପାଖେ ପାଖେ ସଦାବେଳେ ରହିଥାଏ । ଏଣୁ ଏହି ସୁଯୋଗରେ ମୁଁ ମଧ୍ୟ ତାଙ୍କ ସହ ସେଠାକୁ ଯାଇଥିଲି । ସେଠାରେ ଆମେ ପହଞ୍ଚିବା ପୂର୍ବରୁ ଶ୍ରୀଯୁକ୍ତ ଦାସଙ୍କ ସହ ବର୍ତ୍ତମାନର ସାହିତ୍ୟ ଏକାଡ଼େମୀର ସଭାପତି କବି ହରିହର ମିଶ୍ର ପହଞ୍ଚି ସାରିଥିଲେ । ଆମେ ପହଞ୍ଚିବା ପରେ ପ୍ରଥମେ ପୂଜ୍ୟ ମନୋଜ ବାବୁଙ୍କର ସଂରକ୍ଷିତ କୋଠରିକୁ ତାଙ୍କୁ ସାକ୍ଷାତ୍ କରିବାପାଇଁ । କବି ହରିହର ମିଶ୍ର ମହୋଦୟଙ୍କୁ ମଧ୍ୟ ସେଠାକୁ ତତ୍‌କ୍ଷଣାତ୍ ଆସିବାକୁ ସୂଚନା ଦିଆଗଲା । ଆଉ ତିନିଜଣ ବରେଣ୍ୟ ସ୍ରଷ୍ଟା ଆଳାପ ଆଲୋଚନାରେ ଲାଗି ରହିଲେ । ମୁଁ ସେମାନଙ୍କଠାରୁ କିଛିଟା ଦୂରତା ରକ୍ଷାକରି ନିରବରେ ବସି ସେହି ଅଗ୍ରଜ ଲେଖକତ୍ରୟୀଙ୍କ କଥୋପକଥନକୁ ଶୁଣୁଥାଏ । କଥାପ୍ରସଙ୍ଗରେ ହଠାତ୍ ପୂଜ୍ୟ ମନୋଜବାବୁ କହିଉଠିଲେ, "ବ୍ରଜ ତୁମେ ଏ କାଳୀପଦ ବାବୁଙ୍କୁ ପାଇ ଧନ୍ୟ ହୋଇଛ । ମୋତେ ଭଲା ସେମିତି ଜଣେ ମିଳିଥାନ୍ତେ କି ? ଉତ୍ତରରେ ବ୍ରଜନାଥ କହିଲେ ଯେ, ସେ ମୋତେ ପାଇ ଧନ୍ୟ ହୋଇଛି କି ନା ମୁଁ ଜାଣେନାହିଁ, କିନ୍ତୁ ମୁଁ ତାକୁ ପାଇ ଧନ୍ୟ ହୋଇଛି । ଏ କଥା ଶୁଣି ମୁଁ ହତବାକ୍ ହୋଇଯାଇଥିଲି ଏବଂ ଲଜ୍ଜାବୋଧରେ ମୁଣ୍ଡ ତଳକୁ କରି ଏତକ ଶୁଣି ନିରବରେ ନିଜକୁ ଧନ୍ୟ ମଣୁଥିଲି ।

● ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ
ସୁନାରୂଇ, ବାଲିଆପାଳ, ବାଲେଶ୍ୱର

ତୁମ ପଦଚିହ୍ନରେ ଚିତ୍ରିତ ଚାରୋଟି ପାହାଚ

ଡ. ଶିରୀଶ ଚନ୍ଦ୍ର ଜେନା

ପାହାଚ ଏକ:

ତାଳ, ନାରିକେଳ- ଝାଉଁ ଜଙ୍ଗଲରେ
କରିଥିଲ ବାଲିଘର
ଫୁଲ ଅଗଣାରେ ଶୁଣୁଥିଲ ଗପ
ଚିତେଇ ପେଟରେ ପହଁରି ପହଁରି
ଛୁଇଁ ଯାଇଥିଲ ସାଗରର ନୀଳ ନୀର ।
ବେଳେବେଳେ ପୁଣି ସୁବର୍ଣ୍ଣରେଖାର
ପ୍ରଶସ୍ତ ବପୁ ପରେ
ଦେଖୁଥିଲ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷ
ଶଂଖାରୀ ସମେତ କେତେ ଜନପଦ
ଅନାୟସେ ଗ୍ରାସିପାରେ ।
ତଥାପି ତୁମର ଦୃପ୍ତ ପଦର
ଗଭୀର ଚାହାଣୀ ଆଗକୁ ଆଗକୁ ନିଏ
ମାଆ କୋଳଛାଡ଼ି ପାଠ ପଢ଼ିବାକୁ
ଦୂର ଗ୍ରାମେ ଧାଇଁ ଯାଏ ।

ପାହାଚ ଦୁଇ:

ଜ୍ୟେଷ୍ଠ ଭାଇ ସଂଗେ ତୁମେ ଆସିଥିଲ
ମଲ୍ଲୀହାସ- ମଲ୍ଲୀକାଶପୁର
ଆଦରେ ପାଛୋଟି ନେଲା ଏ ସହର
ଆବାସ ବନିଲା ପୁଣି ସେନାପତି ଘର ।
ସେ ଘର ଅଗଣା, କାନ୍ଥ, ଗଛ-ବୃଛ
ତୁଳସୀ ଚଉରା
ଫକୀରର ହାତଗଢ଼ା କାନନ ଯେ
ଶାନ୍ତିର ପସରା
ସୃଜନର ପୁଷ୍ପରେଣୁ ବଞ୍ଚି ହୋଇ ଯାଇଥିଲା
ସେ କୌଶୋର କାଳେ
'ଦିଗନ୍ତ' ପତ୍ରିକାର ସଂପାଦନେ ଅବା
'କୁଙ୍କୁମ'ରେ ଲେଖାଲେଖି କରିଥିଲ ଭୋଳେ ।
ଯୌବନ ପ୍ରଥମ ପାଦେ ଜିଲ୍ଲା ସ୍କୁଲ ଡେଇଁ
ପାଦଦେଲ ଏ ସହରେ ଫକୀର ନାମରେ ଗଢ଼ା
ମହାବିଦ୍ୟାଳୟେ
ଛାତ୍ରନେତା ହୋଇ ଉଭା
ଦୁନିଆ ବୁଲିଲ ଦେବ
ପାଦ ତୁମ ରହି ନାହିଁ ଥୟେ ।

ପାହାଚ ତିନି:

ପାଦ ପରେ ପାଦ ତୁମ ଚାଲିଥିଲା ଅବାରିତ
ଡେଇଁ ଡେଉଁ ପୁରୀଠାରୁ କଟକ ନଗର
ବାମପନ୍ଥୀ ଚେତନାର ଅଗ୍ରଦୂତ ସାଜି
ଯାଇଥିଲ ଇଣ୍ଡୋନେସିଆ ସହର ।
ସ୍ନାତକ- ଉତ୍ତର ବିଦ୍ୟା ଶେଷ କରି
ବୃତ୍ତି ଭାବେ ବାଛି ନେଲ ଅଧ୍ୟାପକ ପଦ
କୁଜଙ୍ଗ- ଜେମା ସହ ସଂସାର କରିଲ ତୁମ୍ଭେ
ହୃଦ ତୁମ ବନିଗଲା ଶାନ୍ତିର ଆସ୍ପଦ ।
ପରେ ପରେ ଚେତନାର ରୂପାନ୍ତର
ଘଟିଲା ତୁମର
ନେତୃତ୍ୱ ପଦପଦବୀ ତୁଚ୍ଛ ମଣି
ଆଦରିଲ ଆଧ୍ୟାତ୍ମିକ
ଜୀବନର ପ୍ରଥମ ପ୍ରହର ।

ପାହାଚ ଚାରି:

ଅଦମ୍ୟ ଉଦ୍ୟମେ ମାତି ହେ ତପସ୍ୱୀ
ତୁମର ସେ କଠୋର ସାଧନା
ଯୋଗ, ଧ୍ୟାନ, ପ୍ରଜ୍ଞାନରେ ସନ୍ନିବିଷ୍ଟ
କରୁଥିଲ ଅହରହ ବାଣୀ ଆରାଧାନା ।
ବାଲ୍ୟକାଳୁ ଯେଉଁ ଶକ୍ତି ଦେଖୁଥିଲୁ
କେମନ୍ତେ ହେ ଯାଇଥିଲା ଫଳ-ପୁଷ୍ପ ଭରି
ପୁନର୍କଥନ ଆଳରେ କହୁଥିଲ କଥା କେତେ
ପ୍ରବନ୍ଧ-ପୋଥିରେ ସୃଷ୍ଟି କଲ ଅପୂର୍ବ ମାଧୁରୀ,
ଆଦ୍ୟରୁ କବିତା ଲେଖି କବି ଭାବେ
ପ୍ରତିଶ୍ରୁତି ରଖିଥିଲ ପାଠକ ମନରେ
କଥାକାରର ମର୍ଯ୍ୟାଦା ପ୍ରାପ୍ତ ହେଲ
ଆହେ ଯୋଗୀ ଦେଶ-ବିଦେଶରେ ।
କେତେ କେତେ ପୁରସ୍କାର-ମର୍ଯ୍ୟାଦା ଡିଗ୍ରୀ
ତତ୍- ଲବ୍ଧ ଅପ୍ରମିତ ବିତ
ଅହଂକାର-ଜୁଆରରେ ଭଙ୍ଗା ଦେଇ
ହୃଦେ ତବ ବସିଥାଏ ପ୍ରଶାନ୍ତି-କପୋତ ।
ମୃତ୍ୟୁକୁ ହାତଠାରି ଡାକି ତୁମେ
ପାଖରେ ବସାଇ
କହିଥିଲ ଆହେ ଦେବ
'ଜାତସ୍ୟହି ଧ୍ରୁବୋ ମୃତ୍ୟୁ'
ଏ ବାକ୍ୟଟି ପାଶୋରିବି ନାହିଁ ।
ତବ ସ୍ନେହ-ଆଶୀର୍ବାଦ,
ଚେତନାର ପୁନର୍ଜାଗରଣ
ଆଜି ଦେବ ମନେ ପଡ଼େ ବାରମ୍ବାର
ତୁମର ସେ ଓଜସ୍ୱିନୀ, ଉଦାତ୍ତ-ଭାଷଣ ।
ଅମୃତ ପଥରେ ଯାତ୍ରୀ ହୋଇଅଛ ଆହେ ଦେବ
ଗୁରୁ ଆମ୍ଭେମାନେ
ଅନନ୍ତ ବିଶ୍ରାମ ପଥୁ ଟିକିଏ ଅନାଇ ଦେବ
ଆମ୍ଭ ଭାଷା-ଉଦ୍ୟାନ, କାନନେ ।

● ସଭାପତି : ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ୦୭ ମଇ,୨୦୨୧
୬

ମନୋଜ ଦାସ ସ୍ମରଣୀୟେଷୁ

ଆବିର୍ଭାବ: ୨୭ ଫେବୃଆରୀ ୧୯୩୪
ତିରୋଧାନ: ୨୭ ଅପ୍ରେଲ ୨୦୨୧

ଫକୀର ମୋହନ ଓ ମନୋଜ ଦାସ

ଡା. କୁମାର ଗୋପାଲ

ସବୁର ଆରମ୍ଭ ଅଛି ସବୁର ଶେଷ ବି ଅଛି ହେଲେ ଆରମ୍ଭ ଆମର ନୁହେଁ କି ଶେଷ ବି ଆମର ନୁହେଁ । ଏ ମଣିଷ ବଞ୍ଚିଛି କାଲି ହୁଏତ ନଥିବ, ସାରସ୍ୱତ ସ୍ରଷ୍ଟା ଏ ବାଲେଶ୍ୱର ମାଟିର ପ୍ରଖ୍ୟାତ ଅମୂଲ୍ୟ ମଣିଷ ପଦ୍ମଭୂଷଣ ଡ. ମନୋଜ ଦାସଙ୍କ ଅବର୍ତ୍ତମାନରେ କେବଳ ଓଡ଼ିଶା ନୁହେଁ, ଭାରତବର୍ଷ ନୁହେଁ ଏହା ବିଶ୍ୱ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତିର ଇତିହାସ ହୋଇ ରହିଗଲା । ବିଶ୍ୱ ସାହିତ୍ୟର ସ୍ରଷ୍ଟା ନୀରବି ଗଲେ ସତ ହେଲେ ତାଙ୍କ ଅବଗାହନରେ ଶତ ଶତ ମଣିଷଙ୍କ କଲମମୁନରୁ ଝରି ପଡ଼ିଲା ପ୍ରିୟ ଲେଖକଙ୍କ ପାଇଁ ଦୁଇଧାଡ଼ି ଲେଖା । ମୁଁ ମଧ୍ୟ ସେଥିରୁ ବାଦ ପଡ଼ିନାହିଁ । ସୃଷ୍ଟି ଆଉ ସ୍ରଷ୍ଟା ଓ ସ୍ରଷ୍ଟା ଆଉ ସୃଷ୍ଟି ମୋତେ ଲାଗେ ଦୁହେଁ ପରିପୁରକ । ଡ. ମନୋଜ ଦାସ ବାଲେଶ୍ୱର ଜିଲ୍ଲା ଏକ ଅଖ୍ୟାତ ପଲ୍ଲୀ ବା ସମୁଦ୍ର କୁଳିଆ ଗାଁ ଶଙ୍ଖାରୀ ଠାରେ ଜନ୍ମ ଗ୍ରହଣ କରି ଏକ ଆଦର୍ଶ ମଣିଷ ଭାବରେ ନିଜକୁ ପ୍ରତିପାଦିତ କରିପାରିଥିଲେ । ଶଙ୍ଖାରୀ ଗାଁ ସ୍କୁଲ ପାଠ ଶେଷକର ବାଲେଶ୍ୱର ଜିଲ୍ଲାସ୍କୁଲରେ ପାଠ ପଢ଼ିବାର ସୁଯୋଗ ପାଇଥିଲେ । ତାଙ୍କ ବଡ଼ଭାଇ ମନ୍ମଥ ନାଥ ଦାସ ଇତିହାସ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଥିବାରୁ ମନୋଜ ଦାସ ତାଙ୍କ ପାଖରେ ରହି ପଢୁଥିଲେ ଏବଂ ସେ ଫକୀରମୋହନଙ୍କ ବାସସ୍ଥଳୀରେ ରହୁଥିଲେ । ସେଇ ପରିସରରେ ମନୋଜ ଦାସଙ୍କ ସାରସ୍ୱତ ଜୀବନର ଅୟମାରମ୍ଭ ହୋଇଥିଲା, ବ୍ୟାସକବିଙ୍କ ଆଶିଷ ମନୋଜ ଦାସଙ୍କ ଉପରେ ଯେମିତି ଅଜାଡ଼ି ହୋଇ ପଡ଼ିଥିଲା, ନବମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ଲେଖନୀ ଚାଳନା ଆରମ୍ଭ ହୋଇଥିଲା । ସୃଜନଶୀଳ କବି ଓ କଥାକାର ହେବା ପାଇଁ ମନୋଜ ଦାସଙ୍କ ପ୍ରତିଭା ସେଇ ଫକୀରମୋହନଙ୍କ କୋଠରୀରୁ ହିଁ ଅଙ୍କୁରିତ ହୋଇଥିଲା । ପରେ ପରେ ସେ ବାମପନ୍ଥୀ ମଣିଷରୁ ପୁରା ଧାର୍ମିକ ବା ଆଧ୍ୟତ୍ମିକ ମଣିଷ ଭାବରେ ସାରା ବିଶ୍ୱରେ ପରିଚିତ ହୋଇଗଲେ । ଏକାଧାରରେ ସେ ଏମିତି ଜଣେ ବାଗ୍ମୀ ବକ୍ତବ୍ୟର ବ୍ୟକ୍ତିତ୍ୱ ଥିଲେ ଯେ ତାଙ୍କ ବକ୍ତବ୍ୟ ସମୟରେ କେହି ଜଣେ ସ୍ଥଳ ଛାଡ଼ି ଉଠିବାର ପ୍ରଶ୍ନ ଉଠେନି । ଫକୀରମୋହନଙ୍କ ସମସ୍ତ ଲେଖାକୁ ପଢ଼ିବାର ସୁଯୋଗ ପାଇଥିଲେ । ଫକୀର ମୋହନ ସାହିତ୍ୟ ପରିଷଦକୁ ମନୋଜ ବାବୁ ଅତ୍ୟନ୍ତ ଆପଣାର ମନେ କରୁଥିଲେ । ପରିଷଦ ତାଙ୍କୁ ମଧ୍ୟ ଏକମାତ୍ର ବରେଣ୍ୟ ସଦସ୍ୟ ଭାବରେ ଗ୍ରହଣ କରିଥିଲା । ପରିଷଦର ଅନେକ କାର୍ଯ୍ୟକ୍ରମରେ ମନୋଜବାବୁ ଆନନ୍ଦର ସହ ଯୋଗ ଦେଇଥିଲେ । ତେଣୁ ଫକୀରମୋହନ ଓ ମନୋଜ ଦାସ ଦୁହେଁ ଆମର ଓ ଏ ମାଟି ପାଇଁ ବିରାଟ କୃତିତ୍ୱ । ଦୁହିଁଙ୍କ ପାଇଁ ଓଡ଼ିଆ ବା ଓଡ଼ିଶା ଗର୍ବିତ । ତାଙ୍କର ପ୍ରଥମ କବିତା ପୁସ୍ତକ "ଶତାବ୍ଦୀର ଆର୍ତ୍ତନାଦ" ଓ ଦ୍ୱିତୀୟ କବିତା ଗ୍ରନ୍ଥ "ବିପ୍ଳବୀ ଫକୀର ମୋହନ" ତେଣୁ ଏଥିରୁ ଅନୁମେୟ ସେ ଫକୀର ମୋହନଙ୍କୁ କେତେ ପଢୁଥିଲେ । ମାତ୍ର ୧୬ ବର୍ଷ ବୟସରେ ସାହିତ୍ୟ ପତ୍ରିକା "ଦିଗନ୍ତ"ର ସଂପାଦନା କରିଥିଲେ । ତାଙ୍କର ପ୍ରଥମ ଗଳ୍ପ ସଂକଳନ ଥିଲା "ସମୁଦ୍ରର କ୍ଷୁଧା", ଅମୃତଫଳ ଗୋଧୂଳୀର ବାଘ, ସାଇକ୍ଲୋନ, ଚନ୍ଦ୍ରାଲୋକର ପ୍ରହରୀ, ଆବୁପୁରୁଷ, ଅରଣ୍ୟକ, ଏମିତି ଅନେକ ସୃଷ୍ଟିର ସ୍ରଷ୍ଟା, ଅନେକ କୃତିତ୍ୱ ଅର୍ଜନ କରିଥିବା ଇଂରାଜୀ ପତ୍ରିକା "ଦି ହେରିଟେଜ୍"ର ସଂପାଦନା ଦାୟିତ୍ୱ ମଧ୍ୟ ସେ ନିଭାଇଥିଲେ । ଆଚରଣରେ ଆଭିଜାତ୍ୟ ଉଚ୍ଚାରଣରେ ଶାଳୀନତା, ବ୍ୟବହାରରେ ଭଦ୍ରତା, ମାର୍ଜିତ ରୁଚି କଥା କଥାକୌଳିନ ଯାହାଙ୍କ ସ୍ୱଭାବସିଦ୍ଧଗୁଣ ସେଇ ସିଦ୍ଧ ମଣିଷଟି ଆଜି ଆମ ଭିତରେ ନାହାନ୍ତି ସତ ହେଲେ ଏ ମାଟି ସବୁଦିନ ତାଙ୍କ ମନେ ରଖିବ ତାଙ୍କର ଗୁଣାବଳୀକୁ ଝୁରିବ ଏଥିରେ ସନ୍ଦେହ ନାହିଁ । ମନୋଜ ଦାସଙ୍କ ସଙ୍ଗେ ପଣ୍ଡିଚେରୀ ଘରେ ଦେଖା ସତରେ ଏତେ ଆନ୍ତରିକତା ବାଲେଶ୍ୱର ମଣିଷଙ୍କ ପାଇଁ ଭୁଲି ହେବ ନାହିଁ । ତାଙ୍କ ଠାରୁ ସମସ୍ତେ ଶିଖିବାର କଥା ଆମନ୍ତ୍ରଣ କେମିତି କରାଯାଏ । ଖୁବ୍ ମନେ ପଡ଼ନ୍ତି "ସାବିତ୍ରୀ" ବହିଟି ମୋତେ ଦେଇଥିବାର ଖୁବ୍ ମନେପଡ଼ନ୍ତି ହସି ହସି ପଚାରନ୍ତି ଡ. ଗୋପାଲ ଲେଖାଲେଖି ଚାଲିଛି ତ! ହେଲେ ଆଜି ମୁଁ ଆଉ ତାଙ୍କ ପାଇଁ ଲେଖି ପାରୁନି, ମୋ କଲମ ଅଟକି ଯାଉଛି । ଓଡ଼ିଆ ସାହିତ୍ୟର ଜୟ ହେଉ...

ଜୟ ଶ୍ରୀମା' ଶ୍ରୀ ଅରବିନ୍ଦ ।

● **ସଂପାଦକ: ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର**
(ମୋ) ୯୪୩୭୨୧୫୮୯୫

ଓଡିଆ ସାହିତ୍ୟର ମହାନାୟକ : ମନୋଜ ଦାସ

ଅକ୍ଷୟ କୁମାର ରାଉତ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ । ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ । ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ । ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ । ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ । ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା ।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା । ଜମାଳପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ । ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର । ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ । ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ । ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ । ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ । ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ । ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରନ୍ମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା । ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ । ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା । ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ । ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା । ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ । ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ । ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ । ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ । ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ । ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ । ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା । ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି । ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ସ୍ଟିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ । ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ । ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ । ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ । ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ବିଶିଷ୍ଟ ସାହିତ୍ୟ ସାରଥି ଆତ୍ମମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ ।

● **ପାରାଦ୍ୱୀପଗଡ, କୁଜଙ୍ଗ ଜଗତ୍‌ସିଂହପୁର**
ମୋ.ନଂ.-୯୯୩୭୬୯୧୪୭୫

ଅନ୍ତର୍ହିତ ଜ୍ୟୋତି

ଚତୁର୍ଭୁଜ ଜେନା

ମନୋଜ ଦାସ
ଏକ ସ୍ପର୍ଦ୍ଧିତ ଉଚ୍ଚାରଣ
ସାରସ୍ୱତ ଜଗତର
ମହକ ଓ ଅମ୍ଳାନ
ଓଡ଼ିଆ ସାହିତ୍ୟର
ଅନ୍ୟତମ ଜ୍ୟୋତି ଓ ଝଲକ
ଇଂରାଜୀ ସାହିତ୍ୟର
ଖ୍ୟାତିସମ୍ପନ୍ନ ସ୍କୁଲିଙ୍ଗ
ଆଧ୍ୟାତ୍ମିକ ଜୀବନର
ଜୀବନବ୍ୟାପି ସାଧକ ।

ଚେତନାର ଉର୍ଦ୍ଧ୍ୱତର ସୋପାନର ପଥିକ
ତାଙ୍କ ଲେଖନୀ କରିଛି ସଂଧାନ
ସାଧାରଣ ମଧ୍ୟରେ ଅସାଧାରଣ
ଶବ୍ଦର ସବ୍ୟସାଚୀ ସେ
ଗଢିଛନ୍ତି ଶବ୍ଦର ସବୁଜ ଅରଣ୍ୟ
ଶବ୍ଦ କାରଖାନାରୁ ତାଙ୍କର
ଅନେକ ନୂତନ ସୃଷ୍ଟି ଶବ୍ଦର
ଅନବଦ୍ୟ ଲେଖନୀ ମୁନରୁ
ଝରିଆସିଛି
ଅସାମାନ୍ୟ ସୃଷ୍ଟି ସମ୍ଭାର
ଗଳ୍ପ, କବିତା, ଉପନ୍ୟାସରେ
ସେ ଗଢିଛନ୍ତି ମାର୍ମିକ କୋଣାର୍କ
ସଫଳ ଜୀବନ ଯାତ୍ରାରେ
ସେ ହରାଇଛନ୍ତି କିଛି
ପାଇଛନ୍ତି ଅନେକ
ଯଶ, ମାନ, କୀର୍ତ୍ତି
ଓଜାଡ଼ି ହୋଇ ପଡିଛି ତାଙ୍କ ମସ୍ତକରେ ।

ଫକୀରମୋହନଙ୍କ
ପ୍ରକୃତ ଦାୟାଦ ସେ
ସାହିତ୍ୟାକାଶରେ
ବିନ୍ଦୁ ମଧ୍ୟରେ ସେ କରୁଥିଲେ
ସିନ୍ଧୁର ସଂଧାନ
ଜ୍ଞାନର ଅଣୁରୁ ସେ
ସାହିତ୍ୟାକାଶରେ ପରମାଣୁ ସମାନ
ହେ ଅମର ଅମଳିନ ଜ୍ୟୋତି
ତୁମକୁ ଶତଶତ
ପ୍ରଣାମ ଓ ସମ୍ମାନ ।

● **ବାଲେଶ୍ୱର**

ମନୋଜଦାସଙ୍କ ସହିତ କେତୋଟି ପ୍ରେରଣାଦାୟୀ ଅଭୂଲାସ୍ମୃତି

ଡକ୍ଟର ରମାକାନ୍ତ ମହାନ୍ତ

ଓଡିଆ ସାହିତ୍ୟର ପୂର୍ଣ୍ଣିମ ପୁରୁଷ କୋଟି ହୃଦୟର ପ୍ରିୟ କଥାକାର ସାହିତ୍ୟ ମହାରଥି ପଦ୍ମଶ୍ରୀ ପଦ୍ମଭୂଷଣ ମନୋଜ ଦାସଙ୍କ ବିଶେଷତ୍ୱ ବିଷୟରେ ଲେଖିବାକୁ ଶବ୍ଦ ଭଣ୍ଡାରରେ ଶବ୍ଦ ନାହିଁ । ତାଙ୍କ ସହିତ କାହାରିକୁ ତୁଳନା କରିବା ବା ତାଙ୍କ ଭଳି ଆଉ ଜଣେ ସାହିତ୍ୟିକ ଖୋଜି ପାଇବା ସମ୍ଭବ ନୁହେଁ । ଏହିଭଳି ଯୁଗଜନ୍ମା ମହାନ ସାରସ୍ୱତ ସାଧକମାନଙ୍କର ସାହିତ୍ୟ ଅଧ୍ୟୟନ କରିବା ବହୁତ ଭାଗ୍ୟର କଥା । ତା ଠାରୁ ଆହୁରି ଭାଗ୍ୟରକଥା ତାଙ୍କ ସହିତ ଏକତ୍ର ରହି କାମ କରିବାର ସୌଭାଗ୍ୟ । କାଳଜୟୀ ସାହିତ୍ୟିକ ମନୋଜ ଦାସଙ୍କ ସହିତ ମୋର କେତୋଟି ପ୍ରେରଣାଦାୟୀ ଅଭୂଲାସ୍ମୃତିକୁ ପାଠକମାନଙ୍କର ଅବଗତ ନିମନ୍ତେ ଉଲ୍ଲେଖ କରିବା ଉଚିତ ମନେକରୁଛି ।

୧୯୯୫ ମସିହାରେ ହିମାଳୟ ପର୍ବତମାଳାର ନୈନୀତାଲସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମରେ ମନୋଜ ଦାସଙ୍କ ସହିତ ୧୦ ଦିନ :

୧୯୯୫ ମସିହା ଜୁନମାସର କଥା । ଭାରତ ସରକାରଙ୍କର କ୍ରୀଡା ଏବଂ ଯୁବ ବିଭାଗ ପକ୍ଷରୁ ଶ୍ରୀଅରବିନ୍ଦ ଆଶ୍ରମ ଦିଲ୍ଲୀଶାଖାର ସହଯୋଗରେ ତତ୍‌କାଳୀନ ଉତର ପ୍ରଦେଶ (ବର୍ତମାନ ଉତରା ଖଣ୍ଡ)ର ହିମାଳୟ ପର୍ବତମାଳାର ଶିଖର ଦେଶରେ ଅବସ୍ଥିତ ଥିବା ନୈନୀତାଲରେ ଥିବା ଶ୍ରୀଅରବିନ୍ଦ ଆଶ୍ରମ ଭବନରେ ତାରିଖ ୦୧।୦୬।୧୯୯୫ ଠାରୁ ତାରିଖ ୧୦।୦୬।୧୯୯୫ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ବ୍ୟାପୀ ଶ୍ରୀ ଅରବିନ୍ଦ ଜାତୀୟ ସଂହତି ଶିବିର ଅନୁଷ୍ଠିତ ହେଉଥାଏ ।ଭାରତ ବର୍ଷର କାଶ୍ମୀର ଠାରୁ କନ୍ୟାକୁମାରୀ ,କଚ୍ଛ ଠାରୁ କାମରୂପ ପର୍ଯ୍ୟନ୍ତ ସବୁ ପ୍ରାନ୍ତର ଯୁବକ ଯୁବତୀମାନଙ୍କ ମନରେ ରାଷ୍ଟ୍ରୀୟ ଏକତା ଭାବ ସଂଚାର କରିବା ପାଇଁ ଶିବିର ଅନୁଷ୍ଠିତ ହୋଇଥାଏ । ଆମେ ଓଡିଶାର ପାଂଚଜଣ ମାତୃପ୍ରେମୀ ଯଥା ଅଗରପଡା ମହାବିଦ୍ୟାଳୟର ତତ୍କାଳୀନ ରାଜନୀତିବିଜ୍ଞାନର ଯୁବ ପ୍ରଫେସର ଜୟକୃଷ୍ଣ ମହାନ୍ତ (ଚୌଦୁଆର କଲେଜର ଅଧ୍ୟକ୍ଷ ଭାବରେ ଅବସର ପ୍ରାପ୍ତ) ଙ୍କ ନେତୃତ୍ୱରେ ,ସେହି ଅଗରପଡା କଲେଜର ପଦାର୍ଥ ବିଜ୍ଞାନର ଯୁବ ପ୍ରଫେସର ମହେନ୍ଦ୍ରନାଥ ସାହୁ, (ସଂପ୍ରତି ଉପେନ୍ଦ୍ରନାଥ କଲେଜ ସୋରରେ ପଦାର୍ଥ ବିଜ୍ଞାନର ମୁଖ୍ୟ ଭାବେ କାର୍ଯ୍ୟରତ) ଏଲ୍ଲାହାବାଦର ବ୍ୟାଙ୍କ ଅଫିସର ସୁବଲକୁମାର ସିଂ ଏବଂ ଇଂ. ରଙ୍କନିଧି ତ୍ରିପାଠୀଙ୍କ ସମେତ ଏହି ଲେଖକ ଅଂଶ ଗ୍ରହଣକରିବାର ସୌଭାଗ୍ୟ ଲାଭ କରିଥିଲୁ । ସେହି ଶ୍ରୀ ଅରବିନ୍ଦ ରାଷ୍ଟ୍ରୀୟ ଏକତାଶିବିରରେ ଭାରତ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ସାହିତ୍ୟ ସାରଥି ପଦ୍ମ ବିଭୂଷଣ ମନୋଜ ଦାସ ଯୁବସମାଜର ମାର୍ଗଦର୍ଶକ ଭାବେ ଯୋଗଦାନ କରିଥିଲେ । ପ୍ରତିଦିନ ସେ ବିଭିନ୍ନ ବିଷୟ ଯଥା ଶ୍ରୀ ଅରବିନ୍ଦଙ୍କ ସାହିତ୍ୟରେ ମାନବୀୟ ଦର୍ଶନ ଏବଂ ଏକତାର ଆହ୍ୱାନ ,ସାବିତ୍ରୀ ମହାକାବ୍ୟରେ ମାନବ ସମାଜକୁ ବାର୍ତା, ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିରେ ଯୋଗ, ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିରେ ପୂର୍

ଖଡଗପୁର ଡିଭିଜନ୍‌ର ସବୁ ପାସେଞ୍ଜର ଟ୍ରେନ୍ ବାତିଲ : ହାୱଡା-ଜଲେଶ୍ୱର ମେମୋ ବନ୍ଦ

ଜଲେଶ୍ୱର,୦୬/୦୫ (ନି.ପ୍ର): ପଶ୍ଚିମବଂଗ ନିର୍ବାଚନ ଶେଷ ହେବାପରେ କୋଭିଡ୍-୧୯ ସଂକ୍ରମଣ ଶୀର୍ଷ ସ୍ଥାନରେ ପହଞ୍ଚିଛି । ପଶ୍ଚିମମେଦିନିପୁର ଓ ପୂର୍ବ ମେଦିନୀପୁର ଜିଲାରେ ଲକ୍ଷ ଲକ୍ଷ ଲୋକେ ଆକ୍ରାନ୍ତ ହୋଇଥିବା କୁହାଯାଇଛି । ତେଣୁ ଏ ପରିସ୍ଥିତିରେ ପଶ୍ଚିମବଂଗ ସରକାର ଚିଠି ନଂ ୧୯୨ ତା ୫-୫-୨୧ ଅନୁଯାୟୀ ପଶ୍ଚିମବଂଗରେ ଚଳାଚଳ କରୁଥିବା ସମସ୍ତ ପାସେଞ୍ଜର ଟ୍ରେନ୍‌କୁ ବାତିଲ କରାଯାଇଛି । ତେଣୁ ଖଡଗପୁର ଡିଭିଜନ୍‌ରେ ସବୁ ପାସେଞ୍ଜର ଟ୍ରେନ୍ ବାତିଲ ହୋଇଥିବାରୁ ୬୮୦୦୨ ଓ ୬୮୦୦୭ ଜଲେଶ୍ୱର ହାଓଡା ମେମୋ ଟ୍ରେନ୍ ୬-୫-୨୧ ଠାରୁ ଏବଂ ୦୮୦୦୩ ଓ ୦୮୦୦୪ ହାୱଡା-ଭଦ୍ରକ ବାଘାଯତୀନ ସ୍ୱତନ୍ତ୍ର ଟ୍ରେନ୍ ୭-୫-୨୧ ଠାରୁ ବାତିଲ କରାଯାଇଛି ବୋଲି ଷ୍ଟେସନ ମେନେଜର ସୂଚନା ଦେଇଛନ୍ତି ।

ଭଦ୍ରକରୁ ଚିହ୍ନଟ ହେଲେ ୧୫୮ ନୂଆ କରୋନା ଆକ୍ରାନ୍ତ

ଭଦ୍ରକ,୦୬/୦୫ (ନି.ପ୍ର): ଜିଲ୍ଲାରୁ ଆଉ ୧୫୮ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ଜଣ କ୍ୱାରେଣ୍ଟାଇନରୁ ଚିହ୍ନଟ ହୋଇଥିବା ବେଳେ ୧୫୬ ଲୋକାଲ କଣ୍ଟାକ୍ଟ । ଏହି ସମୟ ମଧ୍ୟରେ ୮୭ଜଣ ସୁସ୍ଥ ହୋଇଛନ୍ତି । ଏ ପର୍ଯ୍ୟନ୍ତ ଜିଲ୍ଲାରୁ ମୋଟ ୩ଲକ୍ଷ ୫୪ ହଜାର ୯୩୦ଜଣଙ୍କ ନମୁନା ପରୀକ୍ଷା ସରିଛି । ସେମାନଙ୍କ ମଧ୍ୟରୁ ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ଆକ୍ରାନ୍ତ ହୋଇଛନ୍ତି ୯ହଜାର ୭୭୬ଜଣ । ସୁସ୍ଥ ହୋଇ ସାରିଛନ୍ତି ୮ହଜାର ୪୩୯ଜଣ । ଏବେ ଆଉ ୧୩୦୮ଜଣ ଜିଲ୍ଲାରେ ସକ୍ରିୟ ଆକ୍ରାନ୍ତ ଭାବେ ବିଭିନ୍ନ କ୍ୱାରେଣ୍ଟାଇନ ସେଣ୍ଟର, କୋବିଡ୍ କେୟାର ସେଣ୍ଟର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ହୋମ କ୍ୱାରେଣ୍ଟାଇନରେ ଅଛନ୍ତି । ନୂତନ ଚିହ୍ନଟଙ୍କ ମଧ୍ୟରେ କଟକ ଏସସିବି ମେଡିକାଲରେ ୧୦ଜଣ, ଭୁବନେଶ୍ୱରର କିମ୍‌ସ ହସପିଟାଲରେ ୪ଜଣ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୨ଜଣ ଭଦ୍ରକ ପୌରପାଳିକାର ଓ ୧୨ଜଣ ଭଦ୍ରକ ବ୍ଲକ ଅଞ୍ଚଳର ବୋଲି ଜଣା ପଡ଼ିଛି । ଅନ୍ୟ ଚିହ୍ନଟଙ୍କ ମଧ୍ୟରେ ବାସୁଦେବପୁର ବ୍ଲକର ଉହାଡ଼, ସୁଗୋ, ଲକ୍ଷ୍ମୀଦାସପୁର, ଗୁଆଗଡ଼ିଆ ଓ କେରାସାହିରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ କୃଷ୍ଣପୁର ଗ୍ରାମରୁ ୨ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ବନ୍ତ ବ୍ଲକର ରାମଚନ୍ଦ୍ରପୁର, ଓଡ଼ଙ୍ଗ, ସୋନପଡା ଓ ଅଣିଜୋ ଗ୍ରାମରୁ ଜଣେ ଲେଖାଏଁ, ଷେଣ୍ଢତୀରା ଗ୍ରାମରୁ୨ଜଣ, ରାମପୁର ଗ୍ରାମରୁ ୩ଜଣ ଚିହ୍ନଟ ହୋଇଛନ୍ତି । ଭଣ୍ଡାରିପୋଖରୀ ବ୍ଲକର ବେଲଗଡିଆ, ମଡିଆଳି, ବଝାଁବନାପୁର, ଦକ୍ଷିଣବାଡ଼ ଗ୍ରାମରୁ ୨ଜଣ ଲେଖାଏଁ, ଝୁଟଣା, ରାଜେନ୍ଦ୍ରପୁର, ସାନଶାସନ ଓ ମଧୁଆପଦା ଗ୍ରାମରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି । ଚାନ୍ଦବାଲି ବ୍ଲକର ଅଣ୍ଡିଆପାଟ, ବାଲିପାଟଣା, କୁଡ଼ିଆମାଳ, ସୁନ୍ଦରପୁର, ଓସ୍ତିଆ, ବାଲିଗାଁ, ଖେରଙ୍ଗ ଗ୍ରାମରୁ ଜଣେ ଲେଖାଏଁ, ତେନ୍ତୁଳିଡିହ, ଜନ୍ତୁଆଳି, ଧାମରା, ରାମେଶ୍ୱରପୁର ଓ ବାଂଶଡା ଗ୍ରାମରୁ ୨ଜଣ ଲେଖାଏଁ ଏବଂ ଇଛାପୁର ଗ୍ରାମରୁ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ବ୍ଲକର ଆନନ୍ଦବଜାରରୁ ୨ଜଣ, ପ୍ରାଚୀନଗରରୁ ୫ଜଣ, ଜଳଙ୍ଗାରୁ ୩ଜଣ, ବାହାଦଲପୁରରୁ ଜଣେ, କଲେଇରୁ ୨ଜଣ, କୋରକୋରାରୁ ୨ଜଣ, ଓଲଙ୍ଗରୁ ୨ଜଣ, ରମ୍ପିଳାରୁ ୨ଜଣ, ରାନ୍ଦିଆରୁ ୪ଜଣ, କଳାହାଣ୍ଡିଆରୁ ଜଣେ, ଅଣ୍ଟେଇପଲୀରୁ ଜଣେ, କୋଡବରୁଆଁରୁ ଜଣେ, ସାହାଡ଼ା ଗ୍ରାମରୁ ଜଣେ, ଅର୍ଣ୍ଣପାଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନ୍ୟପକ୍ଷରେ ଭଦ୍ରକ ପୌରପାଳିକାର ୱାର୍ଡ ନଂ ୧ର ବରାଳପୋଖରୀ, ୧୦ନଂ ୱାର୍ଡ ଅସ୍ଥଳ, ୧୫ନଂ ୱାର୍ଡ କୁଆଁସ, ୧୧ନଂ ୱାର୍ଡ ନରିପୁର, ୧୭ ନଂ ୱାର୍ଡ ଚନ୍ଦନବଜାର ଓ ୨୩ ନଂ ୱାର୍ଡର ପୁରୁଣାବଜାରରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୮ନଂ ୱାର୍ଡ ବାଗୁରାଇରୁ ୩ଜଣ, ୩୦ ନଂ ୱାର୍ଡ ବାଲିପାଟଣା ଗ୍ରାମରୁ ୨ଜଣ, ୬ ନଂ ୱାର୍ଡ ମଠସାହିରୁ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବାସୁଦେବପୁର ପୌରପାଳିକାର ୧୪ ନଂ ୱାର୍ଡରୁ ଜଣେ, ୧୮ ନଂ ୱାର୍ଡରୁ ୨ଜଣ ଓ ୧୭ ନଂ ୱାର୍ଡରୁ ଜଣେ ଚିହ୍ନଟ ହୋଇଛନ୍ତି । ତିହିଡ଼ି ବ୍ଲକର ବାରସର, ସାମନ୍ତରାୟପୁର, କମାରିଆ, ନରେନ୍ଦ୍ରପୁର, ସୟା ଗ୍ରାମରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ଓରଡା ଓ ପାଳିଆବିନ୍ଧା ଗ୍ରାମରୁ ୨ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି । ଧାମନଗର ବ୍ଲକର ଓଲଟପୁର, ଅସୁରାଳି, ହସନାବାଦ, ଦିଲ୍ଲୁଆ, ବେତାଳିଗାଁ ଗ୍ରାମରୁ ଜଣେ ଜଣେ, ଧୁଷୁରୀରୁ ୩ଜଣ ଚିହ୍ନଟ ହୋଇଥିବା ବେଳେ ଚାନ୍ଦବାଲି ଏନ୍‌ଏସିର ୬ ନଂ ୱାର୍ଡରୁ ୩, ୧ନଂ ୱାର୍ଡରୁ ଜଣେ ଓ ୩ନଂ ୱାର୍ଡରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରୁ ୭ଜଣ, ଖଇରା ବ୍ଲକରୁ ଜଣେ, ମୟୁରଭଂଜ ଜିଲ୍ଲାରୁ ଜଣେ, କେନ୍ଦୁଝର ଜିଲ୍ଲାରୁ ଜଣେ ଓ କେନ୍ଦ୍ରାପଡା ଜିଲ୍ଲାରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଲକ୍‌ଡାଉନ୍ ସମୟରେ ମ୍ୟୁନିସିପାଲଟି ପକ୍ଷରୁ ଖାଦ୍ୟବଣ୍ଟନ

ଜଲେଶ୍ୱର,୦୬/୦୫ (ନି.ପ୍ର): ଗତ ୫ ତାରିଖରୁ ଲକ୍‌ଡାଉନ୍ ଘୋଷଣା ହୋଇଥିବାରୁ ମ୍ୟନିସିପାଲଟିରେ ବସବାସ କରୁଥିବା ଅତି ଗରିବ, ଦିନ ମଜୁରୀଆ, ଭିକାରୀ ବ୍ୟକ୍ତିମାନେ କାମ ଓ ଖାଦ୍ୟ ନ ପାଇ ଦୁଃଖ କଷ୍ଟରେ ରହୁଛନ୍ତି । ସେମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପୌରପରିଷଦ ପକ୍ଷରୁ ବ୍ୟବସ୍ଥା ହୋଇଥିବା ସମ୍ପର୍କରେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ବିଶେଷ କରି ଜଲେଶ୍ୱର ଷ୍ଟେସନ, ବସ୍‌ଷ୍ଟାଣ୍ଡ, ଟାଉନହଲ ପଡିଆ, ବ୍ଲକ ଛକ ଇତ୍ୟାଦିରେ ବହୁ ଗରିବ ଓ ଶ୍ରମିକ ଲୋକ ରହୁଥିବାରୁ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି । ଲକ୍‌ଡାଉନ୍ ସମୟରେ ଏପରି ଖାଦ୍ୟ ବଣ୍ଟନ ସମ୍ପର୍କରେ ସୂଚନା ଦେଇଛନ୍ତି ।

କଙ୍ଗାରୁ କୋର୍ଟରେ ଯୁବକକୁ ମାନସିକ ନିର୍ଯାତନା

ନିର୍ଯାତନା ସହି ନପାରି ଟ୍ୟୁସନ ମାଷ୍ଟରଙ୍କ ଆତ୍ମହତ୍ୟା ଅଭିଯୋଗ

ବାଲିଆପାଳ,୦୬/୦୫ (ନି.ପ୍ର): ବାଲିଆପାଳ ଥାନା ଅର୍ନ୍ତଗତ ଦେଉଳା ପଂଚାୟତ ଜାଠିଆ ଗ୍ରାମର ଜଣେ ୪୨ ବର୍ଷୀୟ ଯୁବକଙ୍କ ଝୁଲନ୍ତା ମୃତ ଦେହ ଆଜି ତାଙ୍କ ଘର ନିକଟସ୍ଥ ଏକ ନିମ୍ନ ଗଛରୁ ଉଦ୍ଧାର କରାଯାଇଛି । ପରିବାର ଲୋକେ ମୃତକଙ୍କୁ ମାରି ଗଛରେ ଟଙ୍ଗା ଯାଇଛି କିମ୍ବା ତାଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରାଯାଇଛି ବୋଲି ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ମୃତ ଯୁବକ ଅମୂଲ୍ୟ ଦାସଙ୍କ ପତ୍ନୀ ମମତା ଦାସ ଥାନାରେ କରିଥିବା ଅଭିଯୋଗ ଅନୁସାରେ ତାଙ୍କ ସ୍ୱାମୀ ଗତ ୩ ବର୍ଷ ହେଲା ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ଟ୍ୟୁସନ କରି ଆସୁଥିଲେ । ଗତ ଏପ୍ରିଲ ୨୭ ତାରିଖରେ ସଂନ୍ଧ୍ୟାରେ ସେ ଉକ୍ତ ବ୍ୟକ୍ତିଙ୍କ ପଂଚମ ଶ୍ରେଣୀର ଝିଅଙ୍କୁ ସେ ଟ୍ୟୁସନ କରୁଥିଲେ । ଝିଅଟି ପରିଶ୍ରା କରିବାକୁ ଯିବାକୁ କହିବାରୁ ଅମୂଲ୍ୟ ତାଙ୍କୁ ଅନ୍ଧାରରେ ଟର୍ଚ୍ଚ ଦେଖାଇବାକୁ ଉଠିଯାଇଥିଲେ । ତେବେ ଝିଅଟିର ମା ଏହା ଦେଖି ଅମୂଲ୍ୟଙ୍କୁ ସନ୍ଦେହ କରି ଅନ୍ଧାରରେ କଣ କରୁଛ ବୋଲି ପଚାରିଥିଲେ । ଅମୂଲ୍ୟ ଝିଅକୁ ଟର୍ଚ୍ଚ ଦେଖାଉଥିବା କଥା କହିଥିଲେ ମଧ୍ୟ ସେ ବିଶ୍ୱାସ କରି ନଥିଲେ । ଅମୂଲ୍ୟ ଘରକୁ ଯିବା ପରେ ଝିଅଟିର ମା ଏବଂ କାକି ତାଙ୍କ ଘରେ ପହଁଚି ଅମୂଲ୍ୟଙ୍କ ପତ୍ନୀଙ୍କୁ ତାଙ୍କ ବିରୋଧରେ କହିଥିଲେ । ୨୮ ତାରିଖ ସକାଳେ ଗ୍ରାମର ରବିନ୍ଦ୍ର ଜେନା, ନିମାଇଁ ରାଉଳ, ଅଭୟ ସାମଲ ଏହି ବିଷୟକୁ ନେଇ ଗ୍ରାମରେ ବିଚାର ବସିବ ବୋଲି କହିଥିଲେ । ଗତ ୨ ତାରିଖ ରବିବାର ଦିନ ଗ୍ରାମରେ ବିଚାର ବସି ଅମୂଲ୍ୟଙ୍କୁ ଏହି ନାବାଳିକା ଝିଅକୁ ଅସଦାଚରଣ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଦଣ୍ଡ ସ୍ୱରୂପ ତାଙ୍କ ୫ ଲକ୍ଷ ଟଙ୍କା ଓ ୧୦ ଘୁଂଟ ଜମି ଜରିମାନା କରାଯାଇଥିଲା । ଅମୂଲ୍ୟ ଏତେ ଟଙ୍କା ଦେବାକୁ ଅସମର୍ଥ କହିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନଥିଲେ । ପରେ ଅମୂଲ୍ୟଙ୍କ ପତ୍ନୀ ଧାର ଉଦ୍ଧାର କରି ଏବଂ ଗହଣା ଗାଣ୍ଠି ବିକି ୩ ଲକ୍ଷ ଟଙ୍କା ଦେଇ ଆଉ ଦେଇ ପାରିବେ ନାହିଁ ବୋଲି କହିଥିଲେ । କିନ୍ତୁ ବୁଧବାର ଗ୍ରାମର କିଛି ବ୍ୟକ୍ତି ଆସି ତାଙ୍କୁ ବାକି ଥିବା ୨ ଲକ୍ଷ ଟଙ୍କା ମାଗିଥିଲେ । ତେବେ ଏଭଳି ମାନସିକ ନିର୍ଯାତନା ସହି ନପାରି ଅମୂଲ୍ୟ ଘର ନିକଟସ୍ଥ ଏକ ନିମ୍ନ ଗଛରେ ଫାସୀ ଲଗାଇ ଦେଇଥିବା ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି।

ଲକ୍‌ଡାଉନ୍ ବେଳେ ବେଆଇନ୍ ବାଲି ଉତ୍ତୋଳନ : ୨ ଟ୍ରାକ୍ଟର ଜବତ୍

ଜଲେଶ୍ୱର,୦୬/୦୫ (ନି.ପ୍ର): ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଉତ୍ତୋଳନ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇଥିବା ବେଳେ ଏ ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଛି । ଏନ୍‌ଜିଟିର ନିର୍ଦ୍ଦେଶକ୍ରମେ ଜଲେଶ୍ୱର ବ୍ଲକ ଅଂଚଳରେ କୌଣସି ବାଲି ସୈରାତରୁ ବାଲି ଉତ୍ତୋଳନ ହେଉ ନାହିଁ । ମାତ୍ର ଓଡିଶାରେ ଲକ୍‌ଡାଉନ୍ ଘୋଷଣା ହୋଇଥିଲେ ମଧ୍ୟ କିଛି ଅସାଧୁ ବାଲି ମାଫିଆ ଚୋରାରେ ବାଲି ଉତ୍ତୋଳନ କରି ଗଳାବାଟ ଦେଇ ପଶ୍ଚିମବଂଗକୁ ଚାଲ କରୁଥିବା ଖବର ପାଇ ଆଜି ଗୁରୁବାର ତହସିଲଦାର ଶଂକର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ସଦଳବଳେ ଚଢାଉ କରିଥିଲେ । ସେଠାରେ ବାଲି ଉତ୍ତୋଳନ କରୁଥିବା ୨ଟି ଟ୍ରାକ୍ଟରକୁ ଜବତ୍ କରି ଜଲେଶ୍ୱର ଥାନାକୁ ଆଣିଥିବା ଜଣାଯାଇଛି ।

କାଳବୈଶାଖୀ ଯୋଗୁଁ ହାଇଲଡିଂ ଧାନ ଅମଳ ବାଧାପ୍ରାପ୍ତ, ଚାଷୀ ହନ୍ତସନ୍ତ

ବାଲିଆପାଳ,୦୬/୦୫ (ନି.ପ୍ର): କାଳବୈଶାଖୀ ଯୋଗୁଁ ବାଲିଆପାଳ ବ୍ଲକ ସମେତ ଗ୍ରାମାଂଚଳରେ ହାଇଲଡିଂ ଧାନ ଅମଳ ବ୍ୟାପକ ବାଧାପ୍ରାପ୍ତ ହୋଇଛି । ଏଥି ଯୋଗୁଁ ଚାଷୀ ଧାନ ଅମଳ କରିବାକୁ ଯାଇ ହନ୍ତସନ୍ତ ହୋଇଛନ୍ତି । ଚଳିତ ବର୍ଷ ବାଲିଆପାଳ ବ୍ଲକରେ ଅନ୍ୟନ ୧୦ ହଜାରୁ ଅଧିକ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ହାଇଲଡିଂ ଧାନ ଚାଷ ହୋଇଥିଲା । । ଅନୁକୂଳ ପାଗ ଯୋଗୁଁ ଚାଷ ମଧ୍ୟ ଖୁବ ଭଲ ହୋଇଥିଲା । କେତେକ ଚାଷୀ ଅଣ୍ଡିରା ମାଇ ଧାନ ଚାଷ ମଧ୍ୟ କରିଥିଲେ । କୃଷି ବିଭାଗ ପକ୍ଷରୁ ଏଥି ପାଇଁ ବୈଶିୟକ ଗାନ ମଧ୍ୟ ଚାଷୀମାନଙ୍କୁ ଦିଆଯାଇଥିଲା । ଏବେ ପାଚିଲା ଧାନ ଆମଳ କରିବା ସମୟ ମାତ୍ର ଏକ ସପ୍ତାହ ହେବ ଏହି ସବୁ ଅଂଚଳରେ କାଳ ବୈ।ଶାଖୀ ଦେଖାଦେଇଛି । ପ୍ରତିଦିନ ଉପରବେଳା ଓ ସନ୍ଧ୍ୟା ବେଳକୁ ପ୍ରବଳ ଘଡଘଡି ପବନ ଓ ବର୍ଷା ମାଡି ଆସୁଛି । ବର୍ଷା ହେବା ଯୋଗୁଁ ପାଚିଲା ଧାନ ବିଲରେ ଝଡି ଯାଉଛି । ବାଲିଆପାଳ ବ୍ଲକର ଗହୀର ଜମି ଷୋଳଶା ପାଣ୍ଡ,ମଧୁପୁରା ପାଣ୍ଡ,କାଳନ୍ଦା ପାଣ୍ଡ ,ଚାନ୍ଦମଣି ପାଣ୍ଡ,ଜାମକୁଣ୍ଡା ପାଣ୍ଡ ଆଦି ପାଣ୍ଡରେ ବର୍ଷା ଲାଗିରହୁଥିବାରୁ ବିଲରେ ପାଣି ଜମିରହୁଛି । ପାଚିଲା ଧାନ ମଧ୍ୟ ବିଲରେ ଶୋଇଯାଇଛି । କଟାଯାଇଥିବା ଧାନ ବିଲରେ ପାଣି ଥିବାରୁ ପଡିରହିଛି । ଏମିତି କାଳବୈଶାଖୀ ଲାଗି ରହିଲେ ଆଗକୁ ପରିସ୍ଥିତି ଆହୁରୀ ଖରାପ ହେବ ବୋଲି ଚାଷୀ ଅନନ୍ତ ଜେନା,ମନ୍ମଥ ପାତ୍ର, ସନ୍ୟାସୀ ପାତ୍ର,ଅନନ୍ତ ରାଉତ,କାଳୀଚରଣ ପାତ୍ର,ଦିନ ବନ୍ଧୁ ବାରିକ, ଗଣେଶ ଜେନା ପ୍ରମୁଖ କହିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଏକାଦଶାହ ଭୋଜିରେ ମହିଳା ....

ଟିମ ସହ ସେଠାରେ ପହଞ୍ଚିଥିଲେ । କୋଭିଡ ବେଳେ ଏଭଳି ସମାରୋହ ଆୟୋଜନର କାରଣ ଓ ପ୍ରଶାସନ ପକ୍ଷରୁ ଅନୁମତି ପାଇଛନ୍ତି କି ବୋଲି ସେ ପଚାରିବା ସହ ଏହାର ଭିଡିଓ ସୁଟିଂ କରୁଥଲେ । ଏମିତିକି ଭୋଜିରେ ଥିବା ଖାଦ୍ୟକୁ ନେଇ ଆସିବା ପାଇଁ ତହସିଲଦାର ଓ କର୍ମଚାରୀମାନେ ଉଦ୍ୟମ କରିଥିଲେ । ଏହି ସମୟରେ ଶ୍ରୀ ରାଉତଙ୍କ ସମେତ ତାଙ୍କର କେତେକ ସହଯୋଗୀ ଏହାକୁ ବିରୋଧ କରି ତହସିଲଦାର ଶ୍ରୀମତୀ ସିଂ ଓ କର୍ମଚାରୀଙ୍କୁ ଆକ୍ରମଣ ସହ ସମସ୍ତଙ୍କୁ ଅଟକ ରଖିଥିଲେ । ଖବର ପାଇ ଜିଲାପାଳ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ପୁଲିସ ସହ ସେଠାରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣାରେ ତହସିଲଦାରଙ୍କ ଏତଲା କ୍ରମେ ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ସଦର ଥାନା ପୁଲିସ ୩ ଜଣଙ୍କୁ ବିଳମ୍ବିତ ରାତିରେ ଗିରଫ କରିଥିଲେ । ମାତ୍ର ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ସହ କଥାବାର୍ତ୍ତା ପରେ ଥାନାଧିକାରୀ ଶ୍ରୀ ପଣ୍ଡା ସେମାନଙ୍କୁ କୋର୍ଟ ଚାଲାଣ କରିବା ପରିବର୍ତ୍ତେ ସମସ୍ତଙ୍କୁ ଗୁରୁବାର ସକାଳେ ଛାଡ଼ି ଦେଇଥିଲେ । ଏହାକୁ ନେଇ ତହସିଲଦାରଙ୍କ ଧାରଣା ପରେ ଆଇଆଇସି ଶ୍ରୀ ପଣ୍ଡା ତରବରିଆ ଭାବେ ଅନ୍ୟ ଦୁଇଜଜଣଙ୍କୁ ଉଠାଇ ଆଣି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ତେବେ ଅସାଧୁ ପୁଲିସ ଅଧିକାରୀ ଶ୍ରୀ ପଣ୍ଡାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଏସପି ସୁଧାଂଶୁ ଶେଖର ମିଶ୍ର ତାଙ୍କୁ ବେଶ ସୁରକ୍ଷା ଦେଇ ଚାଲିଛନ୍ତି । ଥାନାଧିକାରୀ ଛାଡ଼ି ଦେଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଜଣେ କୋଭିଡ ସଂକ୍ରମିତ ଥିବା ଯୋଗୁଁ ଥାନାଧିକାରୀ ସମସ୍ତଙ୍କୁ ଛାଡ଼ି ଦେଇଥିବା ସେ ସଫେଇରେ କହିଛନ୍ତି । ତେବେ ବିନା ଫୋର୍ସରେ ତହସିଲଦାର ଏକାଦଶାହ ଭୋଜିରେ ଚଢ଼ଉ କରିବା ଘଟଣାକୁ କେତେକ ମହଲରେ ନାପସନ୍ଦ କରାଯାଇଛି ।

ଗୋଟିଏ ଦିନରେ ୧୦୫୨୧....

ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୯୭ ଜଣ, ବରଗଡ଼ରୁ ୫୪୩ ଜଣ, ଭଦ୍ରକରୁ ୧୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୧୪ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୫୦, କଟକରୁ ୯୬୩ ଜଣ, ଦେବଗଡ ଜିଲ୍ଲାରୁ ୮୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୮୮ ଜଣ, ଗଜପତି ଜିଲ୍ଲାରୁ ୧୧୩, ଗଞ୍ଜାମରୁ ୧୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୧୭ ଜଣ, ଯାଜପୁରରୁ ୩୭୩ ଜଣ, ଝାରସୁଗୁଡ଼ାରୁ ୩୧୪ ଜଣ, କଳାହାଣ୍ଡିରୁ ୫୭୧ ଜଣ, କନ୍ଧମାଳ ଜିଲ୍ଲାରୁ ୭୨ ଜଣ. କେନ୍ଦ୍ରାପଡ଼ାରୁ ୧୨୧ ଜଣ, କେନ୍ଦୁଝରରୁ ୧୯୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୪୭୭ ଜଣ, କୋରାପୁଟରୁ ୧୮୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୮୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୮୮ ଜଣ, ନବରଙ୍ଗପୁରରୁ ୪୦୪ ଜଣ, ନୟାଗଡ଼ରୁ ୨୨୪ ଜଣ ଚିହ୍ନଟ ହୋଇଛନ୍ତି ।

ରାଜ୍ୟର ୧୬ ଜିଲ୍ଲାକୁ ....

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଆଦି ରହିଛି । ଏହି ସମୟରେ ୩୦ରୁ ୪୦କିମି ବେଗରେ ପବନ ହେବାର ବି ସମ୍ଭାବନା ରହିଛି । ଏଥିସହିତ ଆସନ୍ତା ୨୪ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଆଗାମୀ ୪ଦିନ ରାଜ୍ୟର ଅନେକ ଜିଲ୍ଲାରେ କାଳବେ ?ଶାଖୀ ଆସିପାରେ । କେତେକ ସ୍ଥାନରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏଯାବତ ବେ ?ଦ୍ଧରେ ସର୍ବାଧିକ ୩୯.୮ଡିଗ୍ରି ସେଲସିୟମ ତାପମାତ୍ରା ଥିବାବେଳେ ଫୁଲବାଣୀରେ ୧୯.୫ଡିଗ୍ରି ତାପମାତ୍ରା ରହିଛି ।

କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ....

ପ୍ରସ୍ତୁତ କରିଛନ୍ତି ତାହା ଭୁଲ ବୋଲି ସେ କହିଛନ୍ତି । ଆଜି ଯଦି ଆମେ କୋଭିଡ ପରିଚାଳନାକୁ ନେଇ ପ୍ରସ୍ତୁତ ନହେବା ତାହେଲେ ଆସୁଥିବା କରୋନାର ତୃତୀୟ ଲହରିକୁ କିଭଳି ମୁକାବିଲା କରିବା ବୋଲି ସେ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା କୋର୍ଟ ଆଜି କହିଛନ୍ତି । ଜଷ୍ଟିସ୍ ଚନ୍ଦ୍ରଚୁଡ କହିଛନ

ବାଲେଶ୍ୱର, ଶୁକ୍ରବାର, ୦୭ ମଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

୨୦୨୨ ଜୁନ୍ ସୁଦ୍ଧା ଓଡିଶାରେ କୋଭାକ୍‌ସିନ୍ ଉତ୍ପାଦନ ଲକ୍ଷ୍ୟ

ଭୁବନେଶ୍ୱର,୦୬/୦୫ (ନି.ପ୍ର): ଓଡ଼ିଶାରେ ବ୍ୟବସାୟ ଅନୁକୂଳ ବାତାବରଣ ଏବଂ ଇଡ୍‌କୋ ମାଧ୍ୟମରେ ତ୍ୱରିତ ଜମି ଆବଂଟନ ପ୍ରକ୍ରିୟାକୁ ଭୁବନେଶ୍ୱରର ଅନ୍ଧାରୁଆଠାରେ ଟିକା ଉତ୍ପାଦନ ଶିଳ୍ପାନୁଷ୍ଠାନର ନିର୍ମାଣ କାର୍ଯ୍ୟ ଇତି ମଧ୍ୟରେ ଆରମ୍ଭ ହୋଇଛି । ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକୀୟ ବୈଧାନିକ ଏବଂ ଆଇନଗତ ଅନୁମତି ମଧ୍ୟ ଦିଆସରିଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାଇଓଟେକ୍ କାର୍ଯ୍ୟାନ୍ୱୟନ କମିଟିର ଆଲୋଚନାରୁ ଏହା ଜଣାପଡ଼ିଛି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ଼ରେ ଅନୁଷ୍ଠିତ ଏହି ବୈଠକରେ ବିଜ୍ଞାନ ଓ ବୈଷୟିକଜ୍ଞାନ ବିଭାଗ ଶାସନ ସଚିବ ମନୋଜ ମିଶ୍ର ରାଜ୍ୟରେ ବାଇଓଟେକ୍ ନିୟାମକର ବାସ୍ତବ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ ଏବଂ ଆର୍ଥିକ ବିଷୟବସ୍ତୁ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ଟିକା ଉତ୍ପାଦନ ୟୁନିଟ୍ ଏବଂ ଅନ୍ୟାନ୍ର ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ନିର୍ମାଣ ତ୍ୱରାନ୍ୱିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଭାରତ ବାଇଓଟେକ୍ ଇଂଟରନେସନାଲ କମ୍ପାନୀ ଏବଂ ଅନ୍ଧାରୁଆ ବାଇଓଟେକ୍ ପାର୍କ ପାଇଁ ଗଠିତ ସ୍ୱତନ୍ତ୍ର ଏସ.ପି.ଭି.ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୨୦୨୨ ଜୁନ୍ ମାସ ସୁଦ୍ଧା ଏହି ୟୁନିଟ୍‌ରୁ ଟିକା ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ବାଇଓଟେକ୍‌ରେ ନୂତନ ପରୀକ୍ଷାନିରୀକ୍ଷା ଏବଂ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାକୁ ଅଧିକ ତ୍ୱରାନ୍ୱିତ ଓ ଲକ୍ଷ୍ୟଭେଦୀ କରିବା ନିମନ୍ତେ ଏକ ବୃତିଗତ ନିର୍ଦ୍ଦେଶାଳୟ ତିଆରି କରିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭାଗୀୟ ଶାସନ ସଚିବ ଶ୍ରୀ ମିଶ୍ର କହିଥିଲେ ଯେ, ଓଡ଼ିଶା ବାଇଓଟେକ୍ ନିୟାମକ ୨୦୧୮ ଅନୁସାରେ ବାଇଓଟେକ୍‌ରେ କାମ କରୁଥିବା ନବ-ଅନୁସନ୍ଧାନକାରୀ (ଇନକୁବେଟର) ଏବଂ ଷ୍ଟାର୍ଟଅପ୍ ମାନଙ୍କୁ ଜମି, ଜମିର କିସମ ପରିବର୍ତ୍ତନ, ଷ୍ଟାମ୍ପ ଡ୍ୟୁଟି, ତାଲିମ, ଫୁଂଜିନିବେଶ, ବ୍ୟାଙ୍କ୍ ଋଣ ଉପରେ ସୁଧ ଆଦି ବିଷୟରେ ବିଭିନ୍ନ ପ୍ରକାର ରିହାତି ଦିଆଯାଉଛି ।

ବିଦ୍ୟୁତ କର୍ମଚାରୀଙ୍କୁ କୋଭିଡ ଯୋଦ୍ଧା ଘୋଷଣା ଦାବି

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାୱାର ଏମ୍ପ୍ଲୋଇଜ ୟୁନିୟନର ସ୍ମାରକପତ୍ର

ବାଲେଶ୍ୱର,୦୬/୦୫ (ନି.ପ୍ର): ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର କାର୍ଯ୍ୟକାରୀ ସଭାପତି ଜଗଦ୍ଦୀଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଟାଟା ପାୱାର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ସଂସ୍ଥା ଅଧୀନରେ ୫ ଜିଲାର କର୍ମକର୍ତ୍ତାଙ୍କୁ ନେଇ ଏକ ଜରୁରୀ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ବିଦ୍ୟୁତ ଉପଭୁକ୍ତାମାନଙ୍କୁ ଉତ୍ତମ ସେବା ପ୍ରଦାନ କ୍ଷେତ୍ରରେ ପ୍ରତିଦିନ ନିଜ ଜୀବନକୁ ବାଜି ଲଗେଇ କାର୍ଯ୍ୟ କରୁଥିବା ବିଦ୍ୟୁତ ବିଭାଗର କର୍ମଚାରୀମାନଙ୍କ ବିଷୟରେ ଆଲୋଚନା କରାଯାଇଥିଲା । ମହାମାରୀ କରୋନା କାଳରେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ଶ୍ରମିକ କର୍ମଚାରୀଙ୍କୁ କୋଭିଡ ଯୋଦ୍ଧା ଘୋଷଣା କରିବାକୁ ଏହି ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଶେଷ କରି ମହାମାରୀ କରୋନା ବିରୋଧରେ ସାରା ଦେଶ ସଂଗ୍ରାମ କରୁଥିବା ବେଳେ ବିଦ୍ୟୁତ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେଇ ଆସୁଛନ୍ତି । କର୍ମଚାରୀମାନେ ଖରା,ବର୍ଷା,ଶୀତ ଓ କାକରରେ ଦିନରାତି ନିଜର କର୍ତବ୍ୟ କରି ବିଦ୍ୟୁତ ସେବା ଯୋଗାଇବା ଏବଂ ମରାମତି ପାଇଁ ବାରମ୍ବାର ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର, କୋଭିଡ କେନ୍ଦ୍ର ଏବଂ ପ୍ରତ୍ୟେକ ଘରକୁ ଘରକୁ ଯାଉଛନ୍ତି । ତାଲାବନ୍ଦ ଓ ବନ୍ଦ ସମୟରେ ଲୋକଙ୍କୁ ଘରେ ସୁସ୍ଥରେ ରହିବା ରାଜ୍ୟର ପ୍ରତ୍ୟେକ କୋଣ ଓ ଅନୁକୋଣକୁ ସ୍ଥିର ବିଦ୍ୟୁତ ଯୋଗାଣ ଦାୟିତ୍ୱ ବହନ କରୁଛନ୍ତି । ଅଳ୍ପସଂଖ୍ୟକ କର୍ମଚାରୀରେ ଗ୍ରାହକମାନଙ୍କୁ ସେବା ଯୋଗାଇବା ଏବଂ ରାଜସ୍ୱ ସଂଗ୍ରହ କରୁଥିବା ସମୟରେ ସେମାନେ ନିୟମିତ ଭାବରେ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି ଏବଂ ପ୍ରତିକ୍ଷଣ କରୋନା ମହାମାରୀ ରୂପୀ ରାକ୍ଷସୀର ସମ୍ମୁଖୀନ ମଧ୍ୟ ହେଉଛନ୍ତି । ଗତ କିଛିଦିନ ମଧ୍ୟରେ ଓଡ଼ିଶାର ବିଭିନ୍ନ ଅଂଚଳରେ ଆମ ଶ୍ରମିକ, କର୍ମଚାରୀମାନେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ପ୍ରାଣ ହରାଇ ସାରିଲେଣି ଏବଂ ଶତାଧିକ ଶ୍ରମିକ ଆକ୍ରାନ୍ତ ମଧ୍ୟ ହୋଇଛନ୍ତି । ଏହି ସମୟରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଲୋକ ପ୍ରାଣ ହରାଉଥିବା ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଅନୁକମ୍ପା ମୂଳକ ଚାକିରୀ ସର୍ତ୍ତାବଳୀ ପୁନର୍ବାସ ଯୋଜନା ଥିବା ବେଳେ ବିଦ୍ୟୁତ ବିଭାଗ ଏଥିରୁ ବାଦ ପଡ଼ିଛି ବୋଲି ସଂଘ ପକ୍ଷରୁ ସ୍ମାରକପତ୍ରରେ ଉଲେଖ କରାଯାଇଛି । ପ୍ରତିବର୍ଷ ବିଦ୍ୟୁତ ବିଭାଗର କିଛି ଶ୍ରମିକ ବିଦ୍ୟୁତ ଜନିତ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ସଂଘ ପକ୍ଷରୁ ବିଦ୍ୟୁତ ଶ୍ରମିକ, କର୍ମଚାରୀଙ୍କୁ କୋଭିଡ ଯୋଦ୍ଧା ଭାବେ ଘୋଷଣା କରିବା ସହିତ ଅନୁକମ୍ପା ରାଶି ୫୦ଲକ୍ଷ ଟଙ୍କା ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ।

ସରକାରଙ୍କୁ 'ଅଭିନନ୍ଦନ'ର ସମ୍ପାଦକ ଇଂ.ଜଗଦୀଶ ମିଶ୍ରଙ୍କ ନିବେଦନ

ମନୋଜ ଦାସଙ୍କ ସ୍ମୃତିରକ୍ଷା ପାଇଁ ଉଦ୍ୟମ ହେଉ

ବାଲେଶ୍ୱର,୦୬/୦୫ (ନି.ପ୍ର): ଓଡ଼ିଆ ସାହିତ୍ୟ ଜଗତର ସମ୍ରାଟ ଭାବେ ପରିଚିତ ପଦ୍ମଭୂଷଣ ମନୋଜ ଦାସ ହେଉଛନ୍ତି ବିଶ୍ୱ ଦରବାରର ଜଣେ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଯାହାଙ୍କ ପାଇଁ ଆଜି ପ୍ରତିଟି ଓଡ଼ିଆ ଗର୍ବ କରୁଛି । ଆଜି ମନୋଜ ଦାସ ଆମ ଗହଣରୁ ବିଦାୟ ନେଇ ସମସ୍ତଙ୍କୁ ଦୁଃଖ ସାଗରରେ ଭସାଇ ଦେଇଛନ୍ତି । ମନୋଜ ଦାସ ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କର ସ୍ମୃତିରକ୍ଷା ପାଇଁ ପ୍ରତିଟି ଓଡ଼ିଆଙ୍କର ଚିନ୍ତା କରିବାର ବେଳ ଏବେ ଆସିଛି । ଓଡ଼ିଆ ଭାଷା ଓ ସାହିତ୍ୟ

ପାଇଁ ତାଙ୍କର ଯେଉଁ ଲେଖନୀ ସବୁବେଳେ ଚଳନଶୀଳ ଥିଲା ତାହା ଏବେ ମଉଳି ଯାଇଛି । ତାଙ୍କର ସ୍ମୃତିକୁ ଉଜ୍ଜିବୀତ କରି ରଖିବା ପାଇଁ ଓଡ଼ିଶା ସରକାର ବାଲେଶ୍ୱର ସହରରେ ୪ ମନୋଜ ଦାସଙ୍କ ନାମରେ ଏକ ସଭାଗୃହ, ପାର୍କ ନର୍ମାଣ, ଏକ ବୃହତ୍ ପାଠାଗାର ସହ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ହୁଏତ ଏହା ତାଙ୍କର ସ୍ମୃତିରକ୍ଷା ପାଇଁ ଯଥେଷ୍ଟ ହୋଇପାରିବ । ଏହାଛଡ଼ା ବାଲେଶ୍ୱର ସହରରେ ହେବାକୁ ଥିବା ପ୍ଲାନେଟରିୟମ୍‌କୁ ଏହି ଯୋଗଜନ୍ମା ପୁରୁଷ ମନୋଜ ଦାସଙ୍କ ନାମରେ ନାମିତ କରାଗଲେ ଭଲ ହୁଅନ୍ତା ବୋଲି ସାପ୍ତାହିକ ସମ୍ବାଦପତ୍ର 'ଅଭିନନ୍ଦନ'ର ସମ୍ପାଦକ ଇଂ ଜଗଦୀଶ ମିଶ୍ର ଏକ ବିବୃତିରେ କହିଛନ୍ତି ।

ତାଲାବନ୍ଦର ଦ୍ୱିତୀୟ ଦିନ : ପୁଲିସର ସକ୍ରିୟତା ପରେ ସାବାଡ଼ ଅମାନିଆ

ବାଲେଶ୍ୱର,୦୬/୦୫ (ନି.ପ୍ର): ଦ୍ୱିତୀୟ ଲହର କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ତାଲାବନ୍ଦର ଦ୍ୱିତୀୟ ଦିନ ବାଲେଶ୍ୱରରେ ବେଶ ପ୍ରଭାବ ପକାଇଥିବା ଦେଖିବାକୁ ମିଳିଛି । ପୌରପାଳିକା ପକ୍ଷରୁ ଦୁଇଦିନ ଧରି ମାଇକ ପ୍ରଚାର ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଇଥିବା ବେଳେ ଗୁରୁବାର ମଧ୍ୟାହ୍ନ ୧୨ଟା ବେଳକୁ ସହରର ପ୍ରାୟ ସମସ୍ତ ଦୋକାନ ବଜାର ବନ୍ଦ ହୋଇଥିଲା । କେବଳ କେତେକ ଔଷଧ ବ୍ୟତୀତ ସମସ୍ତ ଦୋକାନ ବନ୍ଦ ହୋଥିଲା । ପ୍ରଥମ ଦିନରେ ଲୋକେ କଟକଣା ପ୍ରତି ଉଦାସୀନ ହୋଇ ଯାନବାହନ ନେଇ ବଜାରରେ ଯାତାୟତ କରୁଥିବା ବେଳେ ଦ୍ୱିତୀୟ ଦିନରେ ପୁଲିସର

ତନଘନା ଦେଖି ସବୁକିଛି ଠିକଠାକ ଚାଲିଥିବା ଅନୁଭୂତ ହୋଇଛି । ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ମାନି ଲୋକେ ୫ଶହ ମିଟର ଦୂରତା ମଧ୍ୟରେ ଚାଲି ଚାଲି ଯାଇ ଦୋକାନରୁ ନିଜର ଆବଶ୍ୟକ ସାମଗ୍ରୀ ସଂଗ୍ରହ କରୁଥିଲେ । ଅନ୍ୟପକ୍ଷରେ ସହରର ବିଭିନ୍ନ ଛକମାନଙ୍କରେ ପହରାରତ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଯାନବାହନରେ ଯାଉଥିବା ଲୋକଙ୍କୁ ଅଟକାଇ କୈଫିୟତ ତଲବ କରିବା ସହ ଆବଶ୍ୟକ ସ୍ଥଳେ ଅମାନିଆଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରିଥିବା ଦେଖିବାକୁ ମିଳିଥିଲା । ସହର ମଧ୍ୟରେ ଥିବା ଦୁଇଗୋଟି ଥାନାର ପୁଲିସ ଆଜି ବେଶ ସକ୍ରିୟ ଥିବା ଲକ୍ଷ୍ୟ କରାଯାଇଥିଲା । ସହରର ଛକମାନଙ୍କରେ ଦୁଇଥାନାର ଏକାଧିକ ଟିମ ଯାଞ୍ଚ ସହ ଜରିମାନା ଆଦାୟ କରିଥିଲେ । ପ୍ରାୟ ସାଢ଼େ ୧୨ଟା ସୁଦ୍ଧା ଲୋକଙ୍କ ଚଳପ୍ରଚଳ ବନ୍ଦ ହେବା ସହ ସହର ରାସ୍ତା ସମ୍ପୂର୍ଣ୍ଣ ଫାଙ୍କା ହୋଇଯାଇଥିଲା । ପ୍ରଶାସନ ପକ୍ଷରୁ ଅନୁମତି ପାଇଥିବା କେତେକ ସରକାରୀ ଓ ବେସରକାରୀ ବିଭାଗର କାଁଭାଁ ବ୍ୟକ୍ତି ବିଶେଷ ରାସ୍ତାରେ ଯା'ଆସ କରୁଥିଲେ । ମୋଟ ଉପରେ କହିବାକୁ ଗଲେ ବାଲେଶ୍ୱର ସହରରେ ତାଲାବନ୍ଦ ଦ୍ୱିତୀୟ ଦିନ ବେଶ ଫଳପ୍ରଦ ହୋଇଥିବା ଲକ୍ଷ୍ୟ କରାଯାଇଥିଲା ।

ଜିଲ୍ଲା ଓ ପାରାଦ୍ୱୀପର କାର୍ଯ୍ୟରତ ସାମ୍ବାଦିକଙ୍କୁ ଟିକାକରଣ

ପାରାଦ୍ୱୀପ,୦୬/୦୫ (ନି.ପ୍ର): କରୋନା ମହାମାରୀ ସମୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଓଡିଶା ସରକାର ସମ୍ମୁଖ୍ୟ ଯୋଦ୍ଧା ଭାବେ ଘୋଷଣା କରିବା ପରେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟୀକାକରଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜଗତସିଂହପୁର ଜିଲ୍ଲାରେ କୋଭିଡ୍ ଟୀକାକରଣ ହୋଇଯାଇଛି । ମେ ୬ତାରିଖ ଗୁରୁବାର ଦିନ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପାରାଦ୍ୱୀପ ବନ୍ଦର ଚିକିତ୍ସାଳୟ ଠାରେ ଏକ ସ୍ୱତନ୍ତ୍ର ଟୀକକରଣ

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏପର୍ଯ୍ୟନ୍ତ ଜିଲ୍ଲାରେ ୧୪୯ ଜଣ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ମଧ୍ୟରୁ ୧୧୪ ଜଣଙ୍କୁ କୋଭିଡ୍ ଟୀକାକରଣ କରାଯାଇଛି । ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟା ପଣ୍ଡା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଓ ପରିବାର ଡା. ପ୍ରମୋଦ କୁମାର ବାରିକ, ଏଡିଏମ୍‌ଓ ଡା. ଅଜୟ କୁମାର ସ୍ୱାଇଁ, ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡା, ଉପ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁର୍ଗା ପ୍ରସାଦ ସେଠୀ, ଡା. ରୁନୁ ସିଂ ପ୍ରମୁଖଙ୍କ ତତ୍ତ୍ୱାବଧାନ ରେ ସାମ୍ବାଦିକ ମାନଙ୍କୁ ଟୀକାକରଣ କରାଯାଇଥିଲା । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପରିଚାଳନା କରାଯାଇଥିଲା ।

ଟିକା ଉପରୁ ଜିଏସଟି ଛାଡ କରିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,୦୬/୦୫ (ନି.ପ୍ର): ଟିକା ଉପରୁ ଜିଏସଟି ଛାଡ କରିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖି ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୧୮ରୁ ୪୫ ବର୍ଷ ବର୍ଗ ପାଇଁ ରାଜ୍ୟ କିଣୁଥିବା କରୋନା ଟିକା ଉପରୁ ଜିଏସଟି ଛାଡ୍ କରିବାକୁ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି । ଜିଏସଟି ହଟିଲେ ଟିକା ଶସ୍ତା ହେବ ଏବଂ ରାଜ୍ୟ ଉପରେ ଆର୍ଥିକ ବୋଝ କମିବ । ଏହାସହ କରୋନା ସ୍ଥିତିରେ ଆର୍ଥିକ ସଙ୍କଟ ଦୂର କରିବା ପାଇଁ ତେଲ ଓ ମଦ ରୁ ପାଉଥିବା ସରଚାର୍ଜ ଭାଗ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି ।

କାଲମାର୍କଙ୍କ ୨୦୪ତମ ଜନ୍ମ ବାର୍ଷିକୀ ପାଳିତ

ଜଳେଶ୍ୱର, ୬/୫ (ନିପ୍ର) : ବିଶିଷ୍ଟ ଲେଖକ ବାମପନ୍ଥି ନେତା କାର୍ଲମାର୍କଙ୍କ ୨୦୪ତମ ଜନ୍ମ ବାର୍ଷିକୀ ଜଳେଶ୍ୱର ଠାରେ ପାଳିତ ହୋଇ ଯାଇଛି । ତାଙ୍କ ଲିଖିତ ପୁଂଜି ନାମକ ପୁସ୍ତକ ଓ କମ୍ୟୁନିଷ୍ଟ ଇସ୍ତାହାର ସମଗ୍ର ବିଶ୍ୱରେ ଶୋଷିତ ମଣିଷର ବୈଜ୍ଞାନୀକ ବିଶ୍ଳେଷଣ ଓ ସଂଗ୍ରାମର ଏକ ମାଇଲ ଖୁଣ୍ଟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଆୟୋଜିତ ସଭାରେ ଦିଲ୍ଲିପ ଗିରି ଅଧ୍ୟକ୍ଷତା କରି ସୂଚନା ଦେଇଥିବା ବେଳେ ସିପିଏମ୍‌ର ରାଜ୍ୟ ନେତା ଶିଶିର ହୁଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମାର୍କସଙ୍କ ସାମ୍ୟବାଦ ଓ ସମାଜବାଦର ବୈଜ୍ଞାନିକ ଦୃଷ୍ଟିଭଂଗୀ ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିତାଂଶୁ ନନ୍ଦି, ଅଜିତ୍ ଦାସ, ପ୍ରଫୁଲ୍ଲ ମହାନ୍ତି, ସୁଶାନ୍ତ ଦାସ, ପ୍ରଶାନ୍ତ ଚୌଧୁରୀ, ରଂଜନ ଘୋଷ, ଅପର୍ଣ୍ଣା ନନ୍ଦି ଓ ସୁସୁଭିତ ଅନନ୍ଦି ବକ୍ତବ୍ୟ ରଖିଥିଲେ ।

ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ଡାକ୍ତର ଓ ଜଣେ ଏଏନଏମ କରୋନା ଆକ୍ରାନ୍ତ

ଦୁଇ ଡୋଜ ଭ୍ୟାକ୍ସିନ ପରେ ୬ କରୋନା ଯୋଦ୍ଧା ସଂକ୍ରମିତ

ଗୋଟିଏ ଦିନରେ ୮୮ ଆକ୍ରାନ୍ତ ଚିହ୍ନଟ

ବାଲିଆପାଳ,୦୬/୦୫ (ନି.ପ୍ର): ବାଲିଆପାଳ ବ୍ଲକରେ କରୋନସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି ।ଆଜି ଗୋଟିଏ ଦିନରେ ୮୮ ଜଣ କରୋନା ପଜଟିଭ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାରୁ ଜଣାଯାଇଛି । ଏହାକୁ ମିଶାଇ ବାଲିଆପାଳ ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ୩୭୪ରେ ପହଂଚିଛି । ସେହିପରି ଆଜି ଚନ୍ନୋଇରେ କାର୍ଯ୍ୟକରୁଥିବା ଇକଡପାଳ ଗ୍ରାମର ଆଉ ଜଣେ ଶ୍ରମିକଙ୍କର କରୋନାରେ ମୃତ୍ୟୁ ହୋଇଛି । ତେବେ ସବୁଠାରୁ ବଡକଥା ହେଉଛି ଆଜି ଆସିଥିବା ରିପୋର୍ଟ ମଧ୍ୟରେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସତ୍ୟରଞ୍ଜନ ପାଣିଗ୍ରାହୀ,ଡାକ୍ତର ସୁବାଶିଷ ଦାସ,ଏବଂ ଏଏନଏମ ବାସନ୍ତୀ ପାତ୍ର ପଜଟିଭ ଥିବା ଜଣାଯାଇଛି । କରୋନାର ପ୍ରଥମ ସଂକ୍ରମଣରେ ଡାକ୍ତର ସତ୍ୟରଞ୍ଜନ ପାଣିଗ୍ରାହୀ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିଲେ । ତେବେ ସମସ୍ତେ ଦୁଇ ଡୋଜ ଭ୍ୟାକ୍ସିନ ନେଇସାରିବା ପରେ ମଧ୍ୟ ପୁନଃର୍ବାର ଆକ୍ରାନ୍ତ ହୋଇଛନ୍ତି । ସେହିପରି ପୂର୍ବରୁ ଏହି ବ୍ଲକର ମଝିପଡା ଅଙ୍ଗନବାଡି କର୍ମୀ, ଦେଉଳା ଆଶାକର୍ମୀ, ଏବଂ କଟିସାହି ଏଏନଏମ ମଧ୍ୟ ଟୀକା ନେଇ ସରୀବା ପରେ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସିଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଆଜି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ବହିଃଭିବାଗକୁ ବନ୍ଦ ରଖାଯିବା ସହ ଆକ୍ରାନ୍ତଙ୍କ ସଂଶ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦେବା ସହ ସେମାନଙ୍କର ପରୀକ୍ଷା କରାଇବା ପାଇଁ କୁହାଯାଇଛି । ଆସନ୍ତ କାଲି ଡାକ୍ତରଖାନାକୁ ସାନିଟାଇଜ କରାଯିବ ବୋଲି ଡାକ୍ତରଖାନାର ସୁପର ଭାଇଜର ରମାନାଥକର କହିଛନ୍ତି ।

ଜିକେ ଭଟ୍ଟର ହସ୍‌ପିଟାଲକୁ ଅଧିକ ଟିକା ପ୍ରଦାନ ଲାଗି ପ୍ରଶାସନକୁ ବିଧାୟକଙ୍କ ଚିଠି

ଜଳେଶ୍ୱର, ୬/୫ (ନିପ୍ର) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ପଶ୍ଚିମବଂଗର ଦାନ୍ତୁନ, ମୋହନପୁର ବିଧାନସଭା ନିର୍ବାଚନ